ବର୍ଷ-୨୬, ସଂଖ୍ୟା-୧୪୨
ଭୁବନେଶ୍ୱର
୪, ଜୁନ, ୨୦୨୬, ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 142
Bhubaneswar
4, June, 2026,Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ଓପିଜିସି ବିଦ୍ୟୁତ ଉତ୍ପାଦନରେ ପ୍ରଥମ

**ଭୁବନେଶ୍ୱର,୩।୬(ମହାଭାରତ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି), ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ପ୍ରଦର୍ଶନ କରି ରାଜ୍ୟ କ୍ଷେତ୍ର ରେ ପ୍ରଥମ ସ୍ଥାନ ଅଧିକାର କରିଛି।

ଦେଶର ସମସ୍ତ ରାଜ୍ୟସ୍ତରୀୟ ବିଦ୍ୟୁତ ଉତ୍ପାଦନକାରୀଙ୍କ ମଧ୍ୟରେ ପ୍ରଥମ। ସମଗ୍ର ଦେଶର ସମସ୍ତ କ୍ଷେତ୍ର (ସରକାରୀ ଏବଂ ବେସରକାରୀ) ମଧ୍ୟରେ ଦଶମ ସ୍ଥାନରେ ରହିଛି । ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବୃହତ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। ଓପିଜିସିର ଏହି ଅଭୂତପୂର୍ବ ସଫଳତା, ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଦିଗଦର୍ଶନ ଏବଂ ନିରନ୍ତର ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି। ରାଜ୍ୟର ଶକ୍ତି କ୍ଷେତ୍ରକୁ ସ୍ୱାବଲମ୍ବୀ ଓ ସମୃଦ୍ଧ କରିବା ପାଇଁ ତାଙ୍କର ପ୍ରେରଣା ସଂସ୍ଥାର ପ୍ରଗତିକୁ ଏକ ନୂଆ ଗତି ପ୍ରଦାନ କରିଛି। ଏହି ଅସାଧାରଣ ପ୍ରଦର୍ଶନ, ନିରନ୍ତର ଏବଂ ଦକ୍ଷ ବିଦ୍ୟୁତ ଉତ୍ପାଦନ ପାଇଁ ଓପିଜିସିର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ ଭାରତର ଏକ ଅଗ୍ରଣୀ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି।କର୍ପୋରେସନର ଏହି ଚମତ୍କାର ପ୍ଲାଂଟ ଲୋଡ୍ ଫ୍ୟାକ୍ଟର , ଉନ୍ନତ ପ୍ଲାଂଟ ପରିଚାଳନା, ସଠିକ୍ ରକ୍ଷଣାବେକ୍ଷଣ ଏବଂ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରତିଫଳିତ କରୁଛି। ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବାରେ ଏବଂ ଶିଳ୍ପର ଶ୍ରେଷ୍ଠ ପ୍ରଦର୍ଶନ ବଜାୟ ରଖିବାରେ ଓଡିଶା ପାୱାର ଜେନେରେସନ କର୍ପୋରେସନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଚାଲିଛି।

## ୭୧ ଲକ୍ଷ ଭୋଟରଙ୍କୁ ଫର୍ମ ବଂଟନ

**ଭୁବନେଶ୍ୱର,୩।୬(ମହାଭାରତ):** ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ, ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ସଫଳତାର ସହ ପଂଚମ ଦିନରେ ପହଂଚିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ସମୁଦାୟ ୭୧ ଲକ୍ଷ ୬୯ ହଜାର ୫୬୩ ଜଣ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଂଟନ କରାଯାଇ ସାରିଛି। ଏହି ସ୍ୱତନ୍ତ୍ର ଅଭିଯାନକୁ ଶତପ୍ରତିଶତ ସଫଳ କରିବା ପାଇଁ ସାରା ରାଜ୍ୟରେ ୪୫,୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲ୍ଓ) ନିୟୋଜିତ ହୋଇଛନ୍ତି। ବିଏଲ୍ଓମାନେ ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଂଚଳ ସମେତ ସହର ଓ ଗ୍ରାମାଂଚଳର ପ୍ରତିଟି ଘରକୁ ଯାଇ ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି। ଅଭିଯାନକୁ ସମନ୍ୱିତ ଏବଂ ସ୍ୱଚ୍ଛ କରିବା ଦିଗରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ୩୩,୦୨୬ ଜଣ ବୁଥସ୍ତରୀୟ ଏଜେଂଟ (ବିଏଲଏ) ମଧ୍ୟ କ୍ଷେତ୍ର ସ୍ତରରେ ବିଏଲ୍ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ରାଜ୍ୟର କୌଣସି ବି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି।

## ଶ୍ରୀଜଗନ୍ନାଥ ଜମିରେ ରହୁଥିବା ସେବାୟତ, ନିଯୋଗ ଓ ମଠଙ୍କୁ ମିଳିବ ଭୂସମ୍ପତି ଅଧିକାର

**ଭୁବନେଶ୍ୱର,୩।୬(ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ବର୍ଷ ବର୍ଷ ଧରି ବସତି ସ୍ଥାପନ କରି ଆସୁଥିବା ସେବକ, ନିଯୋଗ ଏପରିକି ମଠ ଗୁଡିକୁ ଭୂସମ୍ପତିଗତ ଅଧିକାର ଦେବା ପାଇଁ ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଲୋକସେବା ଭବନ ସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ, ଏବଂ ମଠଗୁଡ଼ିକୁ କିପରି ସଠିକ୍ ବନ୍ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ । ଏହି ବ୍ୟବସ୍ଥା କାର୍ଯ୍ୟକାରି ହେଲେ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥାରେ ସଂସ୍କାର ଆସିବା ସହିତ ଅନେକ ସେବାୟତ, ନିଯୋଗ ଏବଂ ମଠ ଆଦି ଉପକୃତ ହୋଇ ପାରିବେ ।

# 'ଉପକୂଳ ରାଜପଥ ପ୍ରକଳ୍ପ'କୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର,୩।୬(ମହାଭାରତ):** ଓଡିଶାରେ ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୩ କିଲୋମିଟର ଏହି ରାଜପଥ ନିର୍ମାଣ ହେବ। ଏହି ମେଗା ପ୍ରକଳ୍ପରେ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଉପକୂଳ ରାଜପଥ ରାମେଶ୍ୱର ଠାରୁ ପାରାଦୀପରେ ପହଞ୍ଚିବ। ଅର୍ଥାତ ଏହି ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ। ଏହି ପ୍ରକଳ୍ପ ଉପକୂଳ ଓଡିଶା ସମେତ ରାଜ୍ୟର ବିକାଶରେ ସହାୟକ ହେବ।

ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଅଂଶ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଗତି କରୁଛି। ୧୬ ନମ୍ବର ଜାତୀୟ ରାଜପଥର ଏହା ହେଉଛି ସ୍ୱର୍ଣ୍ଣ ଚତୁର୍ଭୁଜର ଅଂଶ ଏବଂ ଏହା ପୂର୍ବରୁ ଏକ ୬ ଥାକିଆ ରାଜପଥ ଅଟେ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ପ୍ରମୁଖ ସହର ଦେଇ ଗତି କରୁଛି। ଜାତୀୟ ରାଜପଥ ୨୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରୁଛି ଏବଂ ଏହା ସାତପଡ଼ା ଏବଂ କୋଣାର୍କ ଆଡକୁ ସଂପ୍ରସାରିତ ହୋଇଛ। ଦୁଇଟି ପ୍ୟାକେଜ୍‌ରେ ନିର୍ମାଣ ହେବାକୁ ଥିବା ଏହି ସଡକପଥର ମୋଟ ଦୈର୍ଘ୍ୟ ୧୬୦.୧୮ କିଲୋମିଟର ରହିବ। ଏଥିରେ ମୋଟ ୮୩୦୦.୭୯ କୋଟି ଟଙ୍କା ବ୍ୟୟ ହେବ। ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମିର ୪-ଥାକିଆ ବିଶିଷ୍ଟ ରାସ୍ତା ପାଇଁ ମୋଟ୍ ୫୩୦୪.୮୦ କୋଟି ଟଙ୍କା ଓ ୮୦.୭୮ କିମି ବିଶିଷ୍ଟ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଥାକିଆ ବିଶିଷ୍ଟ ରାସ୍ତା ପାଇଁ ୨୯୯୫.୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୭.୫ ବର୍ଷର ରିହାତି ଅବଧି ପ୍ରଦାନ କରାଯିବ।



ଏହି ପ୍ରକଳ୍ପକୁ ଓଡିଶା ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟର ଆରମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟରେ ସଡକ ସଂଯୋଗକୁ ସୁଦୃଢ଼ କରିବ, ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଓ ଅର୍ଥନୈତିକ ପ୍ରଗତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେ ଓଡିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସହାୟତା ଓ ରାଜ୍ୟର ପ୍ରଗତି ନିମନ୍ତେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ ଏହି ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂପୁର ଜିଲ୍ଲା ଦେଇ ଗତି କରିବ। ଏନ୍‌ଏଚ୍-୧୬ର ଅଂଶ ଭାବେ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଦେଇ ପୂର୍ବରୁ ୬-ଲେନ୍ ବିଶିଷ୍ଟ ରାଜପଥ ରହିଛି। ଭୁବନେଶ୍ୱରକୁ ପୁରୀ ସହ ଯୋଡୁଥିବା ଏନ୍‌ଏଚ୍-୩୧୬ ସାତପଡା ଓ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ପୂର୍ବରୁ ପୁରୀରୁ କୋଣାର୍କ ଏବଂ ପୁରୀରୁ ସାତପଡାକୁ ଥିବା ରାସ୍ତାର ଜ୍ୟାମିତିକ ଡିଜାଇନ ଅତ୍ୟନ୍ତ ଦୁର୍ବଳ ରହିଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ସେଥିରେ ବ୍ୟାପକ ସୁଧାର ଘଟିବ। ଏହି ପ୍ରକଳ୍ପର ପ୍ରଥମ ପ୍ୟାକେଜ୍‌ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଥାକିଆ ଏବଂ ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ପେଭ୍‌ଡ ସୋଲଡର୍ ସହ ୨ ଥାକିଆ ବିଶିଷ୍ଟ ରାସ୍ତା ତିଆରି ହେବ। ଏହାଦ୍ୱାରା ଗାଡ଼ିର ଗତି ଘଣ୍ଟାପ୍ରତି ୧୦୦ କିଲୋମିଟର ସୁନିଶ୍ଚିତ ହେବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂପୁର ଜିଲ୍ଲାରେ ଗମନାଗମନ ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଆଞ୍ଚଳିକ ଗମାନଗମନକୁ ବୃଦ୍ଧି କରିବ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହେବା ପରେ ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବାର ଆଶା କରାଯାଉଛି। ଯାତ୍ରୀ ଏବଂ ମାଲ ପରିବହନ ପାଇଁ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ସଂଯୋଗୀକରଣ ପ୍ରଦାନ କରାଯିବ। ଏହା ସହିତ ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, କାର୍ବନ ନିର୍ଗମନ ଏବଂ ଯାନବାହନ ପରିଚାଳନା ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଆଣିବ। ପ୍ରାୟ ୧୬୦.୧୮ କିଲୋମିଟର ଲମ୍ବ ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରାୟ ୮ ହଜାର ୩୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଭିତିଭୂମି ଓ ଅର୍ଥନୀତିର ବିକାଶ ପାଇଁ ମୋଦୀ ସରକାର ସଦାସର୍ବଦା ପ୍ରତିବଦ୍ଧ । ଓଡ଼ିଶାର ଉପକୂଳବର୍ତୀ ଅଂଚଳରେ ଯୋଗାଯୋଗ ଭିତିଭୂମି ସୁଦୃଢ଼ କରିବା ସହ ରାଜ୍ୟର ବ୍ଲୁ ଇକୋନୋମୀ ଏବଂ ଶିଳ୍ପାୟନକୁ ନୂଆ ଗତି ଦେବ । ଏହି ପ୍ରକଳ୍ପ ହାଇବ୍ରିଡ୍ ଆନୁଇଟି ମୋଡରେ ନିର୍ମାଣ କରାଯିବ । ଏହି ମେଗା ପ୍ରକଳ୍ପକୁ ଦୁଇଟି ପ୍ୟାକେଜ୍ ରେ ବିଭକ୍ତ କରାଯାଇଛି । ଏହି ପ୍ରଥମ ପର୍ଯ୍ୟାୟ ପ୍ୟାକେଜ୍-୧ ଅଧୀନରେ ରାମେଶ୍ୱର ଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୭୯ କିଲୋମିଟର ରାସ୍ତାକୁ ୪-ଲେନ୍ ବିଶିଷ୍ଟ ହାଇୱେ କରାଯିବ ଏବଂ ପ୍ୟାକେଜ୍-୨ ଅଧୀନରେ କାକଟପୁର ଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୮୦ କିଲୋମିଟର ରାସ୍ତାକୁ ପକ୍କା ସୋଲ୍ଡର ବିଶିଷ୍ଟ ୨-ଲେନ୍ ବିଶିଷ୍ଟ ରୋଡ୍ ଭାବେ ନିର୍ମାଣ କରାଯିବ।

## ଓଡ଼ିଶାର ୧୩ ଇଏମଆରଏସ୍‌ରେ ସ୍ପେସ୍ ଲ୍ୟାବ୍ ଉଦଘାଟିତ




**ଭୁବନେଶ୍ୱର,୩।୬(ମହାଭାରତ):** ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶବ୍ୟାପୀ ୭୫ଟି ମନୋନୀତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ରେ 'ମହାକାଶ ପ୍ରୟୋଗଶାଳା ବା ସ୍ପେସ୍ ଲ୍ୟାବ୍' ର ଭର୍ଚୁଆଲ୍ ଉଦଘାଟନ କରିଛନ୍ତି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଆଲ ଓରାମ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେଙ୍କ ଉପସ୍ଥିତିରେ ସ୍ପେସ୍ ଲ୍ୟାବ୍ ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୩ଟି ଇଏମଆରଏସ୍ ସ୍ପେସ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ ମନୋନୀତ ହୋଇଛନ୍ତି। ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ କୋରାପୁଟ ଜିଲ୍ଲାର କୋଟପାଡ ଓ କୁନ୍ଦ୍ରା, ମାଲକାନଗିରିର ମାଥିଲି, କଳାହାଣ୍ଡିର ଥୁଆମୁଳ ରାମପୁର, କେନ୍ଦୁଝରର ପାଟନା ଏବଂ ମୟୂରଭଞ୍ଜ ଜିଲ୍ଲାର ୮ଟି ବିଦ୍ୟାଳୟ ଯଥା ରାଇରଙ୍ଗପୁର, ଠାକୁରମୁଣ୍ଡା, ବାରିପଦା, ବଡ଼ସାହି, କପ୍ତିପଦା, କୋଲିଆନା, ରାସଗୋବିନ୍ଦପୁର ଓ ଉଦଳା ଇଏମଆରଏସ୍ ରେ ସ୍ଥାପନ କରାଯାଇଛି। ଏହି ଉଦଘାଟନ ଉତ୍ସବରେ ବିଭିନ୍ନ ରାଜ୍ୟର ଇଏମଆରଏସ୍ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ।

ଏହି ପ୍ରକ୍ରିୟା ମାଧ୍ୟମରେ ପିଲାମାନେ ମହାକାଶ ବିଜ୍ଞାନ, ରୋବୋଟିକ୍ସ, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ ଶିକ୍ଷା ଭଳି ଅତ୍ୟାଧୁନିକ କ୍ଷେତ୍ର ବିଷୟରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ। ନୂତନ ଭାବେ ପ୍ରତିଷ୍ଠିତ ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ବଢ଼ାଇବ ଏବଂ ଭବିଷ୍ୟତରେ ବିଜ୍ଞାନ, ଇଞ୍ଜିନିୟରିଂ ଓ ମହାକାଶ ଗବେଷଣା ଭଳି କ୍ଷେତ୍ରରେ କ୍ୟାରିଅର୍ ଗଢ଼ିବାକୁ ପ୍ରେରଣା ଦେବ। ଆଧୁନିକ ଓ ସମାବେଶୀ ଶିକ୍ଷା ଦ୍ୱାରା ଆଦିବାସୀ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହା ଏକ ଅଭିନବ ପ୍ରୟାସ ।

## ପୁରୀରେ ବ୍ରିକ୍ସ୍ ବିପର୍ଯ୍ୟୟ ବିପଦ ହ୍ରାସ ବୈଠକ

**ପୁରୀ,୩।୬(ମହାଭାରତ):** ଭାରତର ବ୍ରିକ୍ସ୍ ୨୦୨୬ ଅଧ୍ୟକ୍ଷତା ଅଧୀନରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ଜୁନ୍ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପୁରୀଠାରେ ବ୍ରିକ୍ସ୍ ୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ (ଡିଆରଆରଜି)ର ବୈଠକ ଆୟୋଜିତ ହେଉଛି। "ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ" ଶୀର୍ଷକରେ ଆୟୋଜିତ ଏହି ବୈଠକରେ ବ୍ରିକ୍ସ୍ ସଦସ୍ୟ ରାଷ୍ଟ୍ର ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବେ। ବୈଠକରେ ଗୋଷ୍ଠୀଭିତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା, ବହୁମୁଖୀ ବିପଦ ପାଇଁ ପୂର୍ବ ସତର୍କୀକରଣ ବ୍ୟବସ୍ଥା, ବିପର୍ଯ୍ୟୟ-ପ୍ରତିରୋଧକ ଭିତିଭୂମି,ପ୍ରକୃତିଭିତିକ ସମାଧାନ ଏବଂ ବିଜ୍ଞାନ, ପ୍ରଯୁକ୍ତି ଓ ନୂତନ ଜ୍ଞାନକୌଶଳର ବ୍ୟବହାର ମାଧ୍ୟମରେ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ଭଳି ପ୍ରମୁଖ ବିଷୟ ଉପରେ ଆଲୋଚନା ହେବ। ସାଧାରଣ ବିପର୍ଯ୍ୟୟଜନିତ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ପାରସ୍ପରିକ ଶିକ୍ଷା, ସହଯୋଗ ଓ ଅନୁଭୂତି ବିନିମୟ ମାଧ୍ୟମରେ ବିପର୍ଯ୍ୟୟ-ପ୍ରତିରୋଧୀ ସମାଜ ଏବଂ ସ୍ଥାୟୀ ବିପର୍ଯ୍ୟୟ ବିପଦ ହ୍ରାସ ଢାଂଚା ଗଠନ କ୍ଷେତ୍ରରେ ବ୍ରିକ୍ସ୍ ରାଷ୍ଟ୍ରମାନଙ୍କ




ମଧ୍ୟରେ ସହଯୋଗକୁ ଏହି ବୈଠକ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବାତ୍ୟା ପରିଚାଳନା, ପୂର୍ବ ସତର୍କୀକରଣ ପ୍ରସାରଣ, ସ୍ଥାନାନ୍ତରଣ ଯୋଜନା ଏବଂ ଗୋଷ୍ଠୀଭିତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତା ଓ ସ୍ୱୀକୃତିକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏହି ବୈଠକର ଆୟୋଜକ ରାଜ୍ୟ ଭାବେ ଚୟନ କରାଯାଇଛି। ବିଶେଷକରି ବାତ୍ୟା ପରିଚାଳନାରେ ଶୂନ୍ୟ ଜନହାନି ସୁନିଶ୍ଚିତ କରିବା କ୍ଷେତ୍ରରେ ଓଡ଼ିଶାର ସଫଳତା ଆନ୍ତର୍ଜାତିକସ୍ତରରେ ପ୍ରଶଂସିତ ହୋଇଛି।

## ଧର୍ମେନ୍ଦ୍ର ଓ ଆସାମ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା



**ଭୁବନେଶ୍ୱର,୩।୬(ମହାଭାରତ):** କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସାମର ମୁଖ୍ୟମନ୍ତ୍ରୀ ହମନ୍ତ ବିଶ୍ୱଶର୍ମାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ରାଜ୍ୟର ଶିକ୍ଷା କ୍ଷେତ୍ର ସହ ଜଡ଼ିତ ପ୍ରମୁଖ ବିଷୟ ଓ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ସମଗ୍ର ଶିକ୍ଷା ଅଧୀନରେ ଶିକ୍ଷାଗତ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା, ଏନଇପି ୨୦୨୦ର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦ୍ରୀୟ ମନ୍ତ୍ରୀ କହିଛନ୍ତି ଯେ, ବୈଠକ ସମୟରେ ପ୍ରସ୍ତାବିତ ସ୍ଥାୟୀ ଓ ଅତ୍ୟାଧୁନିକ ପରିସର ବିଶିଷ୍ଟ ଆଇଆଇଏମ ଗୌହାଟୀ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସେ କହିଛନ୍ତି ଯେ, ଏହି ପରିସର ଉତ୍ତର-ପୂର୍ବ ଭାରତରେ ଶିକ୍ଷାଗତ ଉତ୍କର୍ଷତା, ଗବେଷଣା ଓ ନବସୃଜନର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେଉଛି, ଯାହା ପ୍ରତିଭା ବିକାଶ, ଜ୍ଞାନ ସୃଷ୍ଟି ଓ ନେତୃତ୍ୱ ଗଠନ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏପରି ସହଯୋଗାତ୍ମକ ପ୍ରୟାସ ଶିକ୍ଷା, ନବସୃଜନ ଏବଂ ସାମଗ୍ରିକ ବିକାଶ ପାଇଁ ନୂଆ ଦିଗ ଉନ୍ମୋଚନ କରୁଛି। ଏହା ସହିତ, ଯୁବପିଢ଼ିର ଆକାଂକ୍ଷା ପୂରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛି ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଏବଂ ଅସମ ସରକାରଙ୍କ ଭାଗିଦାରୀ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉନ୍ନତ ସୁଯୋଗ ପ୍ରଦାନ କରିବାରେ ସହାୟକ ସାବ୍ୟସ୍ତ ହେବ।

## ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା

**ଭୁବନେଶ୍ୱର,୩।୬ (ମହାଭାରତ):** ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା। ଏଥିସହିତ ଭୁବନେଶ୍ୱର ବିମାନ ବନ୍ଦର ତୃତୀୟ ଏୟାର ଟର୍ମିନାଲ କୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସହିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ର ସର୍ବାଙ୍ଗୀନ ଉନ୍ନତି ପାଇଁ ବିମାନବନ୍ଦର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକ ଲୋକସଭା ସାଂସଦ ତଥା ଏଏସି ଅଧ୍ୟକ୍ଷା ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ନ ରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ ଅଫିସ୍ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯାତ୍ରୀ ସନ୍ତୁଷ୍ଟି, ବିମାନ ଏବଂ ଯାତ୍ରୀ ଚଳାଚଳର ଅଭିବୃଦ୍ଧି ସହ ଭବିଷ୍ୟତ




ପ୍ରକଳ୍ପନା ସମ୍ବନ୍ଧୀୟ ବି.ପି.ଆଇ. ବିମାନବନ୍ଦରର ସଫଳତାଗୁଡ଼ିକ କମିଟି ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା। ଏହା ସହିତ ଗତ ଏକ ବର୍ଷ ମଧ୍ୟରେ ପ୍ରାପ୍ତ ପୁରସ୍କାର ଏବଂ ସଫଳତାର ସହିତ ପରିଚାଳିତ କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ ମଧ୍ୟ ଦିଆଯାଇଥିଲା ।ଏହି ଉପସ୍ଥାପନା ପରେ କମିଟି ସଦସ୍ୟ ଏବଂ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଯାହା ମଧ୍ୟରେ ପ୍ରମୁଖ ପ୍ରସ୍ତାବ ରହିଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଭାବରେ ବିମାନବନ୍ଦର ର ପରିଚୟ କାର୍ଯ୍ୟକ୍ରମର ବ୍ୟବସ୍ଥା ।ଯେଉଁଥିରେ ଗ୍ରାମାଞ୍ଚଳ ର ଛାତ୍ରଛାତ୍ରୀ ମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିସହିତ ଏରୋବ୍ରିଜ୍ ଗୁଡିକର ସଂଖ୍ୟା ବୃଦ୍ଧି ଏବଂ ସେଗୁଡ଼ିକର ଦକ୍ଷ ଓ ପ୍ରଭାବଶାଳୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏୟାର ହୋଷ୍ଟେସ୍ ହେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ପାଇଁ ପରିଚୟ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ଜୟପୁର, ସୁରତ, ଶିର୍ଡି, ତିରୁପତି ଏବଂ ଭୋପାଳକୁ ନୂତନ ବିମାନ ସଂଯୋଗ ଆରମ୍ଭ କରିବା ନେଇ ଆଲୋଚନା କରାଯାଇଥିଲା। ନଡ଼ିଆ ଗଛ, ୱାଟକୋ ଜଳ ଟାଙ୍କି, ବ୍ୟକ୍ତିଗତ ଭବନ ଉପରେ ଥିବା ମୋବାଇଲ୍ ଟାୱାର ଆଦି ଯୋଗୁଁ ସୃଷ୍ଟ ବାଧାବିଘ୍ନ ସମ୍ପର୍କିତ ସୁରକ୍ଷା ପ୍ରସଙ୍ଗରେ ବିଏମସି , ବିଡିଏ ଏବଂ ଓୟୁଏଟି ସହ ସମନ୍ୱୟର ଆବଶ୍ୟକତା କୁ ନେଇ ବୈଠକରେ ସମସ୍ତେ ମତ ପ୍ରକାଶ କରିଥିଲେ। ବିମାନବନ୍ଦର ଟର୍ମିନାଲ ଭିତରେ ଏକ ପୁସ୍ତକ ଦୋକାନ ସ୍ଥାପନର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ ଯଥାଶୀଘ୍ର ଏହା କରାଯିବ ବୋଲି କହିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପ୍ରତ୍ୟେକ ୬ମାସ ବ୍ୟବଧାନ ରେ ବିମାନ ବନ୍ଦର ପରାମର୍ଶ ଦାତା ବୈଠକ ଅନୁଷ୍ଠିତ କରାଇବାକୁ ସାଂସଦ ପରାମର୍ଶ ଦେଇଥିଲେ। ବୈଠକରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ ପ୍ରଧାନ, ଭୁବନେଶ୍ୱର ଡିସିପି ଶ୍ରୀ ଜଗମୋହନ ମୀନା, ଆଇପିକୋଲ୍ର ନିର୍ଦ୍ଦେଶିକା ଶ୍ରୀମତୀ ଅବୋଲି ସୁନିଲ ନରଭାଣେ, ବିଏମସିର ଅତିରିକ୍ତ ଉପ-କମିଶନର, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ , ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ, ଆକାଶା ଏୟାରଲାଇନ୍ସର ବିମାନବନ୍ଦର ପ୍ରବନ୍ଧକ, ଇଣ୍ଡିଗୋ ଏୟାରଲାଇନ୍ସର ବିମାନବନ୍ଦର ପ୍ରବନ୍ଧକ, ଏୟାର ଇଣ୍ଡିଆର ଷ୍ଟେସନ୍ ମ୍ୟାନେଜର, ଏୟାର ଇଣ୍ଡିଆ ଏକ୍ସପ୍ରେସର ଷ୍ଟେସନ୍ ମ୍ୟାନେଜର, ଇଣ୍ଡିଆ ଓନ୍ ଏୟାରର ଷ୍ଟେସନ୍ ମ୍ୟାନେଜର ଉପସ୍ଥିତ ଥିଲେ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



ଖବର

# ୭୧ ବର୍ଷ ବୟସରେ ତୃତୀୟ ଥର ବର ସାଜିବେ ଆମିର !



ବଲିଉଡର ଇଣ୍ଡଷ୍ଟ୍ରିରୁ ଆସିଛି ଏକ ବଡ଼ ଖବର । ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ ପୁଣି ଥରେ ବର ହେବାକୁ ଯାଉଛନ୍ତି। ଆମିର ଖାନ ଏବଂ ଗୌରୀ ସ୍ପ୍ରେଟ ବହୁତ ଦିନ ଧରି ପରସ୍ପରକୁ ଡେଟ୍ କରୁଛନ୍ତି ଏବଂ ଏବେ ଏହି ଦମ୍ପତି ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିବାହ ତାରିଖ ମଧ୍ୟ ପ୍ରକାଶ ପାଇଛି ।ରିପୋର୍ଟ ଅନୁସାରେ, ଆମିର ଏବଂ ଗୌରୀ ସ୍ପ୍ରେଟଙ୍କ ମଧ୍ୟରେ ଘନିଷ୍ଠତା ଏବେ ବିବାହ ପର୍ଯ୍ୟନ୍ତ ପହଞ୍ଚିଛି । ଉଭୟ ପାରସ୍ପରିକ ସହମତି ଏବଂ ସମ୍ପୂର୍ଣ୍ଣ ବୁଝାମଣାରେ ସେମାନଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ସୂତ୍ର ଅନୁଯାୟୀ, ଆମିର ଏବଂ ଗୌରୀ ଏକ ବର୍ଷରୁ ଅଧିକ ସମୟ ଧରି ଏକ ପରିବାର ଭାବରେ ଏକାଠି ରହୁଛନ୍ତି । ଗତ କିଛି ମାସ ଧରି ସେମାନେ ଗଣମାଧ୍ୟମର ଚମକରୁ ଦୂରରେ ଏକ ବହୁତ ଖୁସି, ଶାନ୍ତିପୂର୍ଣ୍ଣ ଏବଂ ସ୍ଥିର ଜୀବନ ସୃଷ୍ଟି କରିଛନ୍ତି ।

ରିପୋର୍ଟରୁ ଜଣାପଡ଼ିଛି ଯେ ଏବେ ସେମାନେ ସେମାନଙ୍କ ପରିବାର ଉପସ୍ଥିତିରେ ଏହି ସୁନ୍ଦର ଯାତ୍ରାକୁ ଆନୁଷ୍ଠାନିକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବିବାହର ତାରିଖ ଏବଂ ସ୍ଥାନ ମଧ୍ୟ ସ୍ଥିର ହୋଇଛି । ଆମିର ଖାନ ଏବଂ ଗୌରୀ ସ୍ପ୍ରେଟଙ୍କ ଏହି ବିବାହ ଉତ୍ସବ ୫ ଜୁଲାଇରେ ହେବ ବୋଲି କୁହାଯାଉଛି ।ସବୁଠାରୁ ଖାସ କଥା ହେଉଛି ଏଥିପାଇଁ କୌଣସି ବଡ଼ ଲଗଜରୀ ହୋଟେଲ କିମ୍ବା ଡେଷ୍ଟିନେସନ୍ ୱେଡିଂ ବଛାଯାଇ ନାହିଁ ବରଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଆମିର ଖାନଙ୍କ ଘରେ ଆୟୋଜିତ ହେବ । ଯଦିଓ ଅତିଥି ଲିଷ୍ଟ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ପ୍ରକାଶିତ ହୋଇନାହିଁ, କିନ୍ତୁ ଆଲୋଚନା ହେଉଛି ଯେ ତାଙ୍କ ଭଲ ବନ୍ଧୁ ସଲମାନ ଖାନ ଏବଂ ଶାହରୁଖ ଖାନ ମଧ୍ୟ ସେମାନଙ୍କ ବିବାହରେ ଯୋଗ ଦେଇପାରନ୍ତି ।ଆମିରଙ୍କ ବୟସ ୬୧ବର୍ଷ ଏବଂ ଗୌରୀଙ୍କର ୪୬ ଏହାରି ମଧ୍ୟରେ ୧୪ ବର୍ଷର ବୟସ ପର୍ଯ୍ୟାସ□ତ୍ତ୍ୱ ଏକ ଦୃଢ଼ ସମ୍ପର୍କ ରହିଛି । ସେମାନଙ୍କୁ ପ୍ରାୟତଃ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖାଯାଏ।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

# ସୁନ୍ଦର ନଖ ପାଇଁ ଆପଣାନ୍ତୁ ଏହି ସହଜ ଉପାୟ

ତ୍ୱଚର ସୁନ୍ଦରତା ସହ ହାତର ସୁନ୍ଦରତା ମଧ୍ୟ ଖୁବ ଆବଶ୍ୟକ। ହାତର ସୁନ୍ଦରତା ପାଇଁ ଏହାର ସଠିକ ଭାବେ ଯତ୍ନ ନେବା ସହ ନଖ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିଥାଏ। ନଖରେ ବିଭିନ୍ନ ସୁନ୍ଦର ସୁନ୍ଦର ନେଲ୍ ଆର୍ଟ ମଧ୍ୟ କରାଯାଏ। ମାତ୍ର ବହୁ ସମୟରେ ଏଭଳି ଦେଖାଯାଇଛି ଯେ, ବହୁ ଯୁବତୀଙ୍କ ନଖ ଅପେକ୍ଷାକୃତ ଦୁର୍ବଳ। ଯାହା ଫଳରେ ଏହା ସହଜରେ ଭାଙ୍ଗି ଯାଏ। ଏହି ସମସ୍ୟାକୁ ମୁକ୍ତି ପାଇବା ପାଇଁ ତଥା ନଖ ଶକ୍ତ ଓ ସୁନ୍ଦର କରିବା ପାଇଁ ରସୁଣର ବ୍ୟବହାର କରିପାରିବେ। ରସୁଣ ଦୁର୍ବଳ , ସହଜରେ ଭାଙ୍ଗିଯାଉଥିବା ନଖ ପାଇଁ ଖୁବ ହିତକାରକ। ଜାଣନ୍ତୁ ନଖ ପାଇଁ କିଛି ସହଜ ଉପାୟରେ କିଭଳି ରସୁଣର ବ୍ୟବହାର କରିବେ।



ରସୁଣ ଓ ଅଲିଭ ଅଏଲ : ୨ ରୁ ୩ଟି ରସୁଣକୁ ପେଷ୍ଟ କରି ଅଲିଭ ଅଏଲରେ ମିଶାଇ ନଖରେ ଲଗାନ୍ତୁ। ଏକ ଘଣ୍ଟା ପରେ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ନଖ ପାଇଁ ବେଶ ଲାଭଦାୟକ। ରସୁଣରେ ଆଣ୍ଟି-ସେଫଟିକ ଗୁଣ ରହିଛି। ଯାହାର ନଖର ବହୁ ସମସ୍ୟାକୁ ଦୂର କରିଥାଏ।

ରସୁଣର ପାଣି : ରସୁଣର ଚୋପା ଛଡ଼ାଇ ଏହାକୁ ଏକ ପାତ୍ରରେ ପାଣି ନେଇ ବତୁରାଇ ରଖି ଦିଅନ୍ତୁ। ଏହାପରେ ରସୁଣକୁ କାଢି ଏହାର ପାଣିରେ ହାତକୁ ବୁଡ଼ାଇ ୧୦ ରୁ ୧୫ ମିନିଟ ରଖନ୍ତୁ। ପରେ ସାଧାରଣ ପାଣିରେ ହାତ ଧୋଇ ଦିଅନ୍ତୁ।

ରସୁଣ ପେଷ୍ଟ ପ୍ରସ୍ତୁତ କରି ଲଗାନ୍ତୁ :୪ ରୁ ୫ଟି ରସୁଣ ନେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅଳ୍ପ ନେଲପୋଲିସ ଥିବା ବୋତଲରେ ଭଲ ଭାବେ ମିଶାଇ ରଖନ୍ତୁ। ନେଲପୋଲିସ ଲଗାଇବା ଭଳି ଏହାକୁ ଲଗାଇ ୧ ରୁ ୨ ଘଣ୍ଟା ରଖି ଉଷୁମ ପାଣିରେ ହାତ ଧୋଇବା ସହ ସେହି ନେଲପୋଲିସକୁ ମଧ୍ୟ ଛଡ଼ାଇ ଦିଅନ୍ତୁ।

# ରାସ୍ତାରେ ଗଡୁନି ଶଗଡ଼, ହଜିଯାଉଛି ହଳ ବଳଦ


ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ। ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ। ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼। ଦିଶୁନାହାନ୍ତି ହଳ ବଳଦ। ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି। ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା। ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା। ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି। ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟ ଥିଲା ଶଗଡ଼। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡିଛି। ସେହିପରି ହଳ ବଳଦ କଥା ନକହିଲେ ଭଲ।



ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ। ଶଗଡ଼ରେ ଜମିକୁ ଖତ ବୋହୁଥିଲେ। ସେଠାରୁ ଫସଲ ଆଣୁଥିଲେ। ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ। ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି। ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି। ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ? ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି। ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି ।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି। ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍ ? ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି ।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି । ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି । ସେହିପରି ପୂର୍ବତନ ପ୍ରାଧ୍ୟାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି। ଆଜିର ଯୁବପିଢ଼ି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି । ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି। ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି।

# ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ଧାର୍ଯ୍ୟ ସମୟରେ ୪୮ ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୬ (ମହାଭାରତ): ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଗୋଟି ଜାତୀୟ ରାଜପଥର ଅଗ୍ରଗତି ନେଇ ସୋମବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧକ୍ଷତା କରପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ। ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ।




ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍‌ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ। ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ଏଥି ମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆରଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆରଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ରହିଥିଲା। ଏଥି ସହିତ କାର୍ଯ୍ୟାଦେଶ ହେବାକୁ ଥିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ମଧ ଆଲୋଚନା ହୋଇଥିଲା। ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଅର୍ଥ ପରାମର୍ଶଦାତା ଶ୍ରୀ ରତୀକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ-୨ ଇଂ ଦୀପକ କୁମାର ପାଣିଗ୍ରାହୀଙ୍କ ସମେତ ବିଦ୍ୟୁତ ବିଭାଗ, ଓପିଟିସିଏଲ୍, କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ, ବିଭିନ୍ନ ଜୋନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ।

# ସିବିସି ପକ୍ଷରୁ ତମାଖୁ ବର୍ଜନ ଦିବସ

ଭୁବନେଶ୍ୱର, ୩।୬ (ମହାଭାରତ): ବିଶ୍ୱ ତମାଖୁ ବର୍ଜନ ଦିବସ ୨୦୨୬ ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଜେନେସିସ ହିଲିଂ ସେଂଟ ର, ଭୁବନେଶ୍ୱରଠାରେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ତମାଖୁ ସେବନର ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ପରିବାର, ସମାଜ ଏବଂ ସମଗ୍ର ଦେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ରମଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଓ ବିକଶିତ ଭାରତ ଗଠନ ପାଇଁ ତମାଖୁମୁକ୍ତ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଯୁବପିଢ଼ିଙ୍କୁ ତମାଖୁ ଠାରୁ ଦୂରେଇ ରହିବା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଜେନେସିସ ହିଲିଂ ସେଂଟ ରର ପରିଚାଳନା ଟ୍ରଷ୍ଟି ଶ୍ରୀ ବିଶ୍ୱଜିତ ପଣ୍ଡା ଏବଂ ଟ୍ରଷ୍ଟି ଶ୍ରୀମତୀ ସୁସ୍ମିତା ପଣ୍ଡା ତମାଖୁ ଏବଂ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କୁ ପରାମର୍ଶ ଏବଂ ପୁନର୍ବାସ ପ୍ରଦାନ କ୍ଷେତ୍ରରେ ସେମାନଙ୍କ ଅନୁଭୂତି ବାଂଟିଥିଲେ। ନିଶାମୁକ୍ତ ଜୀବନ ଗଠନରେ ସଚେତନତା, ପାରିବାରିକ ସହଯୋଗ ଏବଂ ଠିକ୍ ସମୟରେ ହସ୍ତକ୍ଷେପର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏକ ସଚେତନତାମୂଳକ ନାଟକ। ଶ୍ରୀ ହିମାଂଶୁ ଶେଖର ନାୟକ, ଶ୍ରୀ ଅଭିଜିତ



ଭୌମିକ, ଡ. ତାପସ ପଲ ଏବଂ ଶ୍ରୀ କୁଳମଣି ସାହୁଙ୍କୁ ନେଇ ଗଠିତ ଏହି ସାଂସ୍କୃତିକ ଦଳ ତମାଖୁ ସେବନର କୁପ୍ରଭାବ ଏବଂ ଏହା ଦ୍ୱାରା ବ୍ୟକ୍ତି ଓ ପରିବାର ଉପରେ ପଡୁଥିବା ଭୟାବହ ପ୍ରଭାବକୁ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରିଥିଲେ।

# କର ଫାଉଣ୍ଡେସନ୍ ତରଫରୁ ତମାଖୁ ବର୍ଜନ ସଚେତନତା

ଭୁବନେଶ୍ୱର, ୩।୬ (ମହାଭାରତ): ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କର ଫାଉଣ୍ଡେସନ୍' ଓ 'ୟୁଥ୍ ଫର ଭଲ୍ୟୁ□ାରୀ ୱାର୍କ ତରଫରୁ 'ବିଶ୍ୱ




ତମାଖୁ ବର୍ଜନ ଦିବସ' ଉପଲକ୍ଷେ ଏକ ସଚେତନତା ରାଲି ଭୁବନେଶ୍ୱରସ୍ଥିତ ଶିଶୁ ଭବନ ଛକରୁ ମାଷ୍ଟରକ୍ୟା□ନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଅଛି। ପ୍ରତ୍ୟେକ ବର୍ଷ ମଇ ୩୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଏ। ତମାଖୁ ବ୍ୟବହାର ଦ୍ୱାରା ହେଉଥିବା ଭୟଙ୍କର ଜୀବନନାସକାରୀ ରୋଗ ଓ ବିଶ୍ୱ ସମୁଦାୟ ଉପରେ ଏହାର ଖରାପ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ। ତେଣୁ ଉପରୋକ୍ତ ସଂଗଠନର ସ୍ୱେଚ୍ଛାସେବୀ ମାନେ ବିଭନ୍ନ ସଚେତନତା ବା□ା ଲେଖାଥିବା ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଇଥିଲେ ଓ ତମାଖୁ ଦ୍ୱାରା ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ବୁଝାଉଥିଲେ। ଯକ୍ଷ୍ମା, କର୍କଟ ପ୍ରଭୃତି ଦୂରାରୋଗ୍ୟ ବ୍ୟାଧିରୁ ବ□ିବା ପାଇଁ ତମାଖୁ ପରିତ୍ୟାଗ କରିବା ନିହାତି ଆବଶ୍ୟକ ଓ ଯୁବ ସମାଜ ଏଥିରୁ ଦୂରେଇ ରହିବା ପାଇଁ କର ଫାଉଣ୍ଡେସନର ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ, ଅଭିନେତା ଚନ୍ଦନ କର ଓ ପୂର୍ବତନ ବିଧାୟକ ଡ. ଦିଲ୍ଲିପ ଶ୍ରୀଚନ୍ଦନ ମତବ୍ୟକ୍ତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସମାଜସେବୀ ମୀର ଅହମ୍ମଦ ଅଲ୍ଲି, ହରପ୍ରସାଦ ମହାପାତ୍ର, ଯୁବନେତା ନଳିନୀକାନ୍ତ ନାୟକ, ସମାଜସେବୀ ଜ୍ୟୋତ୍ସ୍ନା ରାଉତ, ଜଗନ୍ନାଥ ସାହୁ, ଶୁଭଙ୍କର ସାହୁ, ସରୋଜ ପ୍ରଧାନ, କ୍ଷୀରୋଦ କୁମାର ଜେନା, ମନୋଜ ସାହୁ, ସୂର୍ଯ୍ୟକାନ୍ତ ସେଠୀ, ପିଆଲି ପ୍ରିୟଦର୍ଶିନୀ ବେହେରା, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଲୋକମାନଙ୍କୁ ସଚେତନତା କରାଇଥିଲେ।

# ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ

ଭୁବନେଶ୍ୱର, ୩।୬ (ମହାଭାରତ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ତିନି ଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ସଫଳତାର ସହ ସମ୍ପନ୍ନ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମି ଓଡ଼ିଶାରେ ଆୟୋଜିତ ଏହି ବୈଠକରେ ପଶ୍ଚିମବଙ୍ଗ, ଜମ୍ମୁ-କାଶ୍ମୀର, ଲଦାଖ, ପଞ୍ଜାବ, ଦିଲ୍ଲୀ, ପୂର୍ବୋତର ଭାରତ, ତାମିଲନାଡୁ ସମେତ ଦେଶର ସମସ୍ତ ପ୍ରାନ୍ତରୁ ୪୦୦ରୁ ଅଧିକ ପ୍ରତିନିଧି କାର୍ଯ୍ୟକର୍ତା ଯୋଗଦେଇଥିଲେ। ବୈଠକରେ "ଶିକ୍ଷା ସଂସ୍କାରକୁ ଫଳପ୍ରଦ କରିବା ପାଇଁ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଉପଯୋଗୀ ଆବଶ୍ୟକ", "ସଶସ୍ତ୍ର ମାଓବାଦର ଅବସାନ କାଳରେ ସହରୀ ମାଓବାଦ ଏକ ଗମ୍ଭୀର ସମସ୍ୟା", "ସଂଗଠିତ ଅପରାଧିକ ଓ ଜିହାଦୀ ମାନସିକତା ଦ୍ୱାରା ମହିଳାଙ୍କ ଶୋଷଣ ଏବଂ ଧର୍ମାନ୍ତରଣ ଉପରେ ରୋକ" ଏବଂ "ବୈଶ୍ୱିକ ଅନିଶ୍ଚିତତାର ସମୟରେ ସଂଯମ ଓ ସଜାଗତାର ସାମୂହିକ ରାଷ୍ଟ୍ରୀୟ ସଂକଳ୍ପ" ଶୀର୍ଷକ ଚାରିଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ



ହୋଇଛି। ବୈଠକରେ ରାଷ୍ଟ୍ରୀୟ ପରିସ୍ଥିତି, ଶିକ୍ଷା ବ୍ୟବସ୍ଥା, ଯୁବସମାଜର ଭୂମିକା, ରାଷ୍ଟ୍ରୀୟ ସୁରକ୍ଷା, ସାମାଜିକ-ଆର୍ଥିକ ବିଷୟ ଏବଂ ସମସାମୟିକ ସମସ୍ୟା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହାସହିତ ସଂଗଠନର ବିଭିନ୍ନ କାର୍ଯ୍ୟ, ଅଭିଯାନ ଓ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷ ପାଇଁ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ତର୍ରାଜ୍ୟୀୟ ଛାତ୍ର ଜୀବନ ଦର୍ଶନ (ଏସଇଆଇଏଲ) ଅଧୀନରେ ଆୟୋଜିତ ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରାର ୬୦ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ "ଏସଇଆଇଏଲ ଆଟ୍ ୬୦" କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାବ୍ୟତୀତ 'ସ୍କ୍ରିନ୍ ଟାଇମ୍ ଟୁ ଆକ୍ଟିଭିଟି ଟାଇମ୍', 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି, ଜରୁରୀକାଳ ବିରୋଧୀ ଆନ୍ଦୋଳନର ୫୦ ବର୍ଷ, ଶ୍ରୀ ଗୁରୁ ତେଗ ବହାଦୁରଙ୍କ ୩୫୦ତମ ବଳିଦାନ ଦିବସ ଏବଂ ସନ୍ତ ରବିଦାସଙ୍କ ୬୫୦ତମ ପ୍ରାକଟ୍ୟୋତ୍ସବ ଅବସରରେ ବର୍ଷବ୍ୟାପୀ ଦେଶବ୍ୟାପୀ ଅଭିଯାନ ଚାଲିବ। ୨୭ ମେ ଅନୁଷ୍ଠିତ କେନ୍ଦ୍ରୀୟ କାର୍ଯ୍ୟସମିତି ବୈଠକରେ "ଗଣତାନ୍ତ୍ରିକ ମୂଲ୍ୟବୋଧର ପୁନଃପ୍ରତିଷ୍ଠା ପାଇଁ ପଶ୍ଚିମବଙ୍ଗର ଜନମତକୁ ଅଭିନନ୍ଦନ" ଶୀର୍ଷକ ଏକ ଅଭିନନ୍ଦନ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ପ୍ରେସ ସମ୍ମିଳନୀକୁ ସମ୍ବୋଧିତ କରି ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡଃ ବୀରେନ୍ଦ୍ର ସିଂହ ସୋଲଙ୍କୀ କହିଥିଲେ ଯେ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ କେବଳ ବର୍ତ୍ତମାନର ସମସ୍ୟା ପ୍ରତି ପ୍ରତିକ୍ରିୟା ନୁହେଁ, ବରଂ ଏକ ବିକଶିତ, ସୁରକ୍ଷିତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନ ପାଇଁ ଏବିଭିପିର ଦୀର୍ଘମିଆଦି ରାଷ୍ଟ୍ରୀୟ ଦୃଷ୍ଟିକୋଣର ପ୍ରତିଫଳନ। ଶିକ୍ଷାକୁ ଅଧିକ ଫଳପ୍ରଦ ଏବଂ ରୋଜଗାରମୁଖୀ କରିବା, ରାଷ୍ଟ୍ରୀୟ ସୁରକ୍ଷା ସମ୍ମୁଖୀନ ସମସ୍ୱୟା ମାଧାନ, ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବ।

# ବୟସ୍କଙ୍କୁ ଭତ୍ତା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର,୩।୬ (ମହାଭାରତ): ରାଜ୍ୟର ବୟସ୍କ, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ୨ ମାସ ହେଲା ଭତା ପ୍ରଦାନ ନ କରି ହନ୍ତସନ୍ତ କରୁଛନ୍ତି ରାଜ୍ୟ ସରକାର। ପ୍ରତିଦିନ ଭତା ପାଇବା ପାଇଁ ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ନୟାଗଡ଼ ବିଧାୟକ ଡ଼ ଅରୁଣ ସାହୁ, ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ଦଳର ଭୋଗରାଇ ବିଧାୟକ ଶ୍ରୀ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ପରେ ସବୁ କ୍ଷେତ୍ରରେ ଲୋକଙ୍କୁ ଧାଡ଼ିରେ ଛିଡ଼ା କରାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ସରକାର ତାଙ୍କୁ ଯେଉଁ ଯନ୍ତ୍ରଣା ଦେଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ।

ଡ଼ ଅରୁଣ ସାହୁ କହିଥିଲେ, ଡିଜିଟାଲ ଇଣ୍ଡିଆର ବାହାବାହା ନେଉଥିବା ଡବଲ ଇଞ୍ଜିନ



ସରକାର ଅସହାୟ ମାନଙ୍କୁ ଆକାଉଣ୍ଟ ମାଧମରେ କି ଘର ପାଖରେ ଭତ୍ତା ଦେଇପାରୁନି। ସରକାରୀ ସ୍କୁଲ ଛାତ୍ରଛାତ୍ରୀ ୟୁନିଫର୍ମ ପାଇପାରୁ ନାହାନ୍ତି। ସରକାରୀ କର୍ମଚାରୀ ଠିକ୍ ସମୟରେ ଦରମା ପାଉନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ଭତା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନର ବାହାପିଆ ବିଜେପି ସରକାର ବୟସ୍କଙ୍କୁ ଖର୍ଚ୍ଚାନ୍ତ କରାଇ ଧାଡ଼ିରେ ଛିଡ଼ା କରାଉଛନ୍ତି।

ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ନବୀନ ବାବୁଙ୍କ ସବୁ ଯୋଜନାର ରଙ୍ଗ ଓ ନାମ ପରିବର୍ତ୍ତନ କରିଚାଲିଛନ୍ତି। ପ୍ରତି ମାସର ୧୫ ତାରିଖ ପୂର୍ବରୁ ହିତାଧିକାରୀ ମାନଙ୍କ ଘରେ ଭତା ପହଞ୍ଚାଇବାର ଯେଉଁ ବ୍ୟବସ୍ଥା ନବୀନ ବାବୁ କରିଥିଲେ, ସେ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ନବୀନ ବାବୁ ଭତାର ପରିମାଣ ୩୦୦ ଟଙ୍କାରୁ ବୃଦ୍ଧି କରି ୧୦୦୦ ଟଙ୍କା କରିଥିଲେ। ମଧୁବାବୁ ପେନସନ ଯୋଜନାରେ ୧୨ ଲକ୍ଷରୁ ୩୮ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିଲା ପରେ ବୟସ୍କ ମାନଙ୍କୁ ଏଭଳି ଡହଳବିକଳ କରି କି ଆନନ୍ଦ ପାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ।

ଶ୍ରୀ ଗୌତମବୁଦ୍ଧ ଦାସ କହିଥିଲେ, ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ପ୍ରତିଟି ଜୀବନ ମୂଲ୍ୟବାନ। ପ୍ରତ୍ୟେକ ମଣିଷର ବଞ୍ଚିବାର ଅଧିକାର ଅଛି। ତାଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଯୋଜନା ମଧ୍ୟରୁ ଏକ ଉଲ୍ଲେଖନୀୟ ଯୋଜନା ହେଲା ମଧୁବାବୁ ପେନସନ ଯୋଜନା। କିନ୍ତୁ ଯେବେଠୁ ବିଜେପି ସରକାରକୁ ଆସିଛି, ସେବେଠୁ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ ମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଯେଉଁପରି ଅସହାୟ ଅବସ୍ଥାରେ ହିତାଧିକାରୀ ବସୁଛନ୍ତି ତାହା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରୁଛି। ଏ ସରକାର ପାଖରେ ସମ୍ବେଦନଶୀଳତା ବୋଲି କିଛି ନାହିଁ। ଲାଗୁଛି ସରକାର ଏବେ ଦେବାଳିଆ ହୋଇଗଲେଣି।

# ଗୋପବନ୍ଧୁ ସେବା ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୩।୬ (ମହାଭାରତ): ଜୀବନ ସେବା ଫାଉଣ୍ଡେସନ ଓଡ଼ିଶାର ଏକ ଅଗ୍ରଣୀ ଅନୁଷ୍ଠାନ। ଏହି ଅନୁଷ୍ଠାନ ୭ବର୍ଷ ଧରି ଶିକ୍ଷା, ପରିବେଶ ସୁରକ୍ଷା, ଖାଦ୍ୟ ବ□ନ, ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, ଟ୍ରାଫିକ୍ ସଚେତନତା, କମ୍ବଳ ବ□ନ, ରଥଯାତ୍ରା ସେବା ଯୋଗାଇଦେବା ଭଳି ଉନ୍ନତିମୂଳକ କାର୍ଯ୍ୟ କରିଥାଆନ୍ତି। ଜୀବନ ସେବା ଫାଉଣ୍ଡେସନର ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ତା ୩୧.୦୫.୨୦୨୬ରିଖ (ରବିବାର), ସକାଳ ୧୦ ଘଟିକା ସମୟରେ ଜୟଦେବ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉ□ର ବିଧାୟକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପରିବାର ପରାମର୍ଶଦାତା ଓ ମନସ୍ତ□ବିତ୍ ଶ୍ରୀଯୁକ୍ତ ନରୋ□ମ ଦାସ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଆଇନଜୀବୀ ଶ୍ରୀମତୀ ମନସ୍ୱିତା ଜେନା, ଓ.ଏ.ଆର.ସି.ର ମେଡିକାଲ୍ ମହାନିର୍ଦ୍ଦେଶକ ପ୍ରଫେସର (ଡା.) ଜ୍ୟୋତିରଂଜନ ପରିଡ଼ା, ସମାଜସେବୀ ଶ୍ରୀଯୁକ୍ତ ଅଭିମନ୍ୟୁ ଦାସ, ସମାଜସେବୀ ଶ୍ରୀମତୀ ରୋଜାଲିନ୍ ପାଟସାଣୀ ପ୍ରମୁଖ ଯୋଗଦେଇ ସମାଜରେ ସାମାଜିକ କର୍ମୀଙ୍କ ଭୂମିକା ଓ ସୁନ୍ଦର ସମାଜ ଗଠନ କିପରି ହୋଇପାରିବ ସେ ଉପରେ ମତବ୍ୟକ୍ତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ




ରାଜ୍ୟସ୍ତରୀୟ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ, କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜୀବନ ସେବା ଫାଉଣ୍ଡେସନ' ପକ୍ଷରୁ ଆତ୍ମନିର୍ଭରଶୀଳ ପାଇଁ ଜଗତ୍‌ସିଂହପୁର ଜିଲ୍ଲାର ଝିଲି ନାୟକଙ୍କୁ ୫୦୦୦ଟଙ୍କା ଓ ଭୁବନେଶ୍ୱରର ନୀଳାଚଳ ପାତ୍ରଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ବିଶେଷକରି ହାପିନେସ୍ ଫାଉଣ୍ଡେସନ୍-ପୁରୀ, କଳିଙ୍ଗ ଗୋଶାଳ-ଭୁବନେଶ୍ୱର, କଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ-କଟକ, ୟୁଥ୍ ଫର ଫଲ୍ୟୁ□ାରୀ ୱାର୍କ-ଭୁବନେଶ୍ୱର, ହେଲଫ ଇଣ୍ଡିଆ-ଭୁବନେଶ୍ୱର, ଲାଇଭ୍‌ସେଭର୍ସ ଗୃପ୍ ଟ୍ରଷ୍ଟ- କେନ୍ଦୁଝର, ମଦରଟେରେସା ଟ୍ରଷ୍ଟ-ନୂଆପଡ଼ାସେବା ଫାଉଣ୍ଡେସନ-ଜଗତ୍‌ସିଂହପୁର ପ୍ରମୁଖ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ "ଗୋପବନ୍ଧୁ ସେବା ସମ୍ମାନ-୨୦୨୬" ପ୍ରଦାନ କରାଯାଇଛି।

# ଭାରତ କନେକ୍ଟ ପ୍ଲାଟଫର୍ମରେ ଏକ ନିୟୁତ ଇ-ଚାଲାଣ

କଟକ,୩।୬ (ମହାଭାରତ): ନ୍ୟାସନାଲ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆର ସହାୟକ କମ୍ପାନି ଏନପିସିଆଇ ଭାରତ ବିଲପେ ଲିମିଟେଡ୍ ଏହାର ଭାରତ କନେକ୍ଟରେ ୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ ନିୟତରୁ ଅଧିକ ଇ-ଚାଲାଣ କାରବାରକୁ ସଫଳତାର ସହ ସମ୍ପନ୍ନ କରିଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ହିମାଚଳ ପ୍ରଦେଶ ଓ ଦିଲ୍ଲୀଭଳି ରାଜ୍ୟର ଇ-ଚାଲାଣ ପେମେଂଟ୍ ଭାରତ କନେକ୍ଟ ଜରିଆରେ ପ୍ରକ୍ରିୟାକରଣ ହେଉଛି। ଭାରତ କନେକ୍ଟର ଇ-ଚାଲାଣ ବର୍ଗରେ ନାଗରିକମାନେ ସୁରକ୍ଷିତ, ଇଂଟରର ଅପରେବଲ ଓ ସହଜଲଭ୍ୟ ପ୍ଲାଟଫର୍ମ ଜରିଆରେ ଟ୍ରାଫିକ ଚାଲାଣକୁ ଦେଖିପାରୁଛନ୍ତି ଓ ପଇଠ କରିପାରୁଛନ୍ତି। ନାଗରିକ ୟୁଟିଲିଟି ସେବା ପାଇଁ ଡିଜିଟାଲ ପେମେଂଟ ସମାଧାନର ବର୍ଦ୍ଧିତ ଗ୍ରହଣୀୟତାକୁ ଏହା ଦର୍ଶାଉଛି ଯାହା ଭାରତକୁ ଏକ ପୂର୍ଣ୍ଣ ଡିଜିଟାଲ ଅର୍ଥନୀତି ଆଡ଼କୁ ନେଉଛି। ସେବା ଉପଲବ୍ଧ କରାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଶୁଭାରମ୍ଭ ପରଠାରୁ ୭,୦୦,୦୦୦ରୁ ଅଧିକ କାରବାରର ପ୍ରକ୍ରିୟାକରଣ ସହିତ ଆନ୍ଧ୍ରପ୍ରଦେଶ ଦୃଢ଼ ଗ୍ରହଣୀୟତା ଦେଖାଇଛି। ଏହା ପଛକୁ ରହିଛନ୍ତି ତେଲେଙ୍ଗାନା ଓ ଗୁଜରାଟ। ନିକଟରେ ଦିଲ୍ଲୀ ଓ ହରିୟାଣା ଯୋଡ଼ି ହୋଇଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ରାଜ୍ୟରେ ଏଥିରେ ସାମିଲ ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ଏନବିବିଏଲ୍‌ର ଏମ୍‌ଡି ଓ ସିଇଓ ଡକ୍ଟର ନୁପୂର ଚତୁର୍ବେଦୀ କହିଛନ୍ତି ଯେ, "ଭାରତ କନେକ୍ଟର ଇ-ଚାଲାଣ ବର୍ଗର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଏହା ଏକ ନିୟୁତ କାରବାରର ମାଇଲଖୁଂଟ ହାସଲ କରିଛି। ଏହି ସଫଳତା ଆମ ଉପରେ ଲୋକମାନେ ଯେଉଁ ଭରସା ପ୍ରକଟ କରିଛନ୍ତି ତାହାକୁ ଦର୍ଶାଉଛି ଏବଂ ଡିଜିଟାଲ ପ୍ରଥମ ସାର୍ବଜନୀନ ସେବା ଆଡ଼କୁ ଗ୍ରାହକଙ୍କ ଆଚରଣର ଏକ ସ୍ପଷ୍ଟ ପରିବର୍ତନର ପରିବର୍ତ୍ତନ ଏହା ସଙ୍କେତ ଦେଉଛି। ଆମର ଉପସ୍ଥିତିକୁ ବଢ଼ାଇବା ଏବଂ ସାରା ଦେଶର ନାଗରିକମାନଙ୍କ ପାଇଁ ନାଗରିକ ପେମେଂଟ୍‌ର ସହଜଲଭ୍ୟତାରେ ଉନ୍ନତି ଆଣିବା ପାଇଁ ଆମେ ପରିସଂସ୍ଥା ସହଯୋଗୀମାନଙ୍କ ସହ ମିଳିତଭାବେ କାର୍ଯ୍ୟ କରୁଛୁ। ଡିଜିଟାଲ ଗଭର୍ଣ୍ଣାସ୍ ଓ ଭାରତର ଡିଜିଟାଲ ସାର୍ବଜନୀନ ଭିତିଭୂମିରେ ରାଜ୍ୟସ୍ତରୀୟ ଟ୍ରାଫିକ୍ କାର୍ଯ୍ୟାନୁଷ୍ଠାନକୁ ସାମିଲ କରିବା ଦିଗରେ ଇ-ଚାଲାଣ ବର୍ଗର ସଫଳତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଓଡ଼ିଶା ରାଜ୍ୟ କର୍ମଚାରୀ ମହାସଂଘର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୩।୬ (ମହାଭାରତ): ଓଡ଼ିଶା ରାଜ୍ୟ କର୍ମଚାରୀ ମହାସଂଘର ସମ୍ମିଳନୀ ଭାରତୀୟ ବିଦ୍ୟାଭବନ, ୟୁନିଟ୍-୩, ଭୁବନେଶ୍ୱରଠାରେ ଶ୍ରୀମତୀ ସୀତା ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। କର୍ମଚାରୀ ମହାସଂଘର ଆବାହକ ସୁଜିତ୍ କୁମାର ନାୟକ ବିବରଣୀ ପାଠ କରିଥିଲେ। ଉକ୍ତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ବର୍ଗର କର୍ମଚାରୀଙ୍କ ସମସ୍ୟା ଯଥା- ଠିକା କର୍ମଚାରୀମାନଙ୍କୁ ନିୟମିତ କରିବା, ଖାଲିଥିବା ପଦବୀ ପୂରଣ କରିବା, ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ବର୍ଗର ପଦବୀ ଗୁଡ଼ିକର ରିଷ୍ଟ୍ରକଚରିଙ୍ଗ୍ କରାଯାଇ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଗୁଡ଼ିକ ଲୋକମାନଙ୍କ ସ୍ୱାର୍ଥ ପାଇଁ ସକ୍ରିୟ କରାଇବା, ସମସ୍ତଙ୍କୁ ପୁରୁଣା ପେନ୍‌ସନ୍ ଦେବା ଉପରେ ଆଲୋଚନା ହୋଇଥିଲା। ମୋଟ୍ ଉପରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆମ ରାଜ୍ୟର ସରକାରୀ କାର୍ଯ୍ୟାଳୟ ଓ ସରକାରୀ କାମ ଯେପରି ଭାବରେ




ଚାଲିଛି, ତା'ର ପରିବ□ନ ଦରକାର। ସରକାରୀ କର୍ମଚାରୀମାନଙ୍କ ଉପରେ କାମ କରିବା ପାଇଁ ଅଧିକ ଚାପ ସୃଷ୍ଟି କରାଯାଉଅଛି ଓ କାମ କରିବାର ସମୟ ପରୋକ୍ଷରେ ବୃଦ୍ଧି କରାଯାଉଅଛି। ଆମ ଦେଶରେ ବ□ମାନ ଅନେକ ରାଜ୍ୟ ସରକାର ସେମାନଙ୍କ କର୍ମଚାରୀମାନଙ୍କ ଦରମା ନିର୍ଦ୍ଧାରଣ ପାଇଁ ପ୍ରତି ୫ ବର୍ଷରେ ବେତନ କମିଶନ ବସାଇ ବେତନ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କର କର୍ମଚାରୀମାନଙ୍କ ପୁରୁଣା ପେନ୍‌ସନ୍ ଦେଉଛନ୍ତି। କେତେକ ରାଜ୍ୟରେ ଇସ୍ପ-ସ୍ପଙ୍କସ୍ୱରୟ ଘରଙ୍ଗ ଚରଭସ୍ପସକ୍ଟଭ ଯୋଜନା ବ୍ୟବସ୍ଥା କରାଯାଇଅଛି। କେତେକ ରାଜ୍ୟରେ ଦରମାରୁ କଟାଯାଇଥିବା ଶତକଡ଼ା ୧୦ ଭାଗ ଦରମା ପୁରୁଣା ପଦ୍ଧତିରେ ପ୍ରୋଭିଡେ□ ଫଣ୍ଡରେ ରଖାଯାଉଅଛି। କେତେକ ରାଜ୍ୟରେ ବିଚାର ବିଭାଗ କର୍ମଚାରୀ, ବିଚାରକମାନଙ୍କ ପାଇଁ ପୁରୁଣା ପେନ୍‌ସନ୍ ଲାଗୁ କରାଯାଉଅଛି। ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ଭ□ା ପ୍ରଦାନ କରାଯାଉଅଛି। କିନ୍ତୁ ଆମ ରାଜ୍ୟରେ ଆମର ନୂତନ ସରକାର କର୍ମଚାରୀମାନଙ୍କ ପାଇଁ ସ୍ଥିରୀକୃତ ପେନ୍‌ସନ୍ ଲାଗୁ କରିବା ପାଇଁ ଆଦେଶନାମା ଜାରି କରାଯାଇଅଛି। ଏହି ସମ୍ମିଳନୀରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସନ୍ଦିପ ରାୟ - ସମ୍ପାଦକ, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର, ମୁଖ୍ୟବକ୍ତା ଭାବେ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମିଶ୍ର - ଅଧ୍ୟକ୍ଷ, ନିଖିଳ ଉତ୍କଳ ଶିକ୍ଷକ ଓ ପେନସନର୍ସ ମହାସଂଘ, ସମ୍ମାନୀୟ ଅତିଥି ଭାବେ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାନ୍ତି - ସଭାପତି, ଓଡ଼ିଶା ରାଜ୍ୟ ସରକାରୀ ସମନ୍ୱୟ ସମିତି, ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ରାଉତରାୟ - ଅଧ୍ୟକ୍ଷ, ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତି, ଓଡ଼ିଶା, ଶ୍ରୀଯୁକ୍ତ କ୍ଷେତ୍ରମୋହନ ଦାସ- ମାର୍ଗଦର୍ଶକ, ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓ କାର୍ଯ୍ୟକାରୀ ସଭାପତି, ନିଖିଳ ଉତ୍କଳ ଶିକ୍ଷକ ଓ ପେନସନର୍ସ ମହାସଂଘ ପ୍ରମୁଖ ଯୋଗଦେଇଥିଲେ।

# ରାଜନୀତିରେ ଅପରାଧୀକରଣ

କେବଳ ଦଳବଦଳ ନୁହେଁ, ଘୋଡ଼ାବେପାର, ରାଜନୀତିର ଅପରାଧିକରଣ ଏବଂ ଦୁର୍ନୀତି ବା କଳା ଟଙ୍କାର ପ୍ରଭାବ ସତୁରୀ ଦଶକରେ ଅତି ଉତ୍କଟ ହୋଇଥିଲା। ପରେ ପରେ ଏହା ରାଜନୀତିରେ ମାମୁଲି ଘଟଣା ହୋଇଗଲା। ଅଶୀ ଦଶକରେ ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ଦଳବଦଳରେ ଲଗାମ ଲଗାଇବା ପାଇଁ ଏକ ଆଇନ ପ୍ରଣୀତ ହେଲା। ଏହା ନିର୍ବାଚିତ ଜନପ୍ରତିଧିଙ୍କ ଦଳବଦଳରେ କିଛିଟା ରୋକ ଲଗାଇଲା। ପୂର୍ବରୁ ଏଭଳି ଅନେକ ଉଦାହରଣ ରହିଛି, ନିର୍ବାଚନରେ ଜିତିବାର ଦିନକ ପରେ ଜଣେ ସାଂସଦ ବା ବିଧାୟକ ଅନ୍ୟ ଦଳକୁ ଅନାୟସରେ ଚାଲିଯାଆନ୍ତି। ଯେଉଁ ଦଳ ସଂଖ୍ୟାଗରିଷ୍ଠତାର ନିକଟତର ହୋଇଥାଏ, ସେହିଦଳ ମ୍ୟାଜିକ ନମ୍ବର ପାଇଁ ପ୍ରତିପକ୍ଷ ଦଳର ପ୍ରତିନିଧିଙ୍କୁ ଅର୍ଥ ଓ କ୍ଷମତା ଲୋଭ ଦେଖାଇ କିଣି ନିଅନ୍ତି। ଅତୀତରେ ଅନେକ ଥର ଏଭଳି ଘଟଣା ଦେଖିବାକୁ ମିଳିଛି। ହରିୟାନାରେ ଏହା ଏକ ବହୁ ଚର୍ଚ୍ଚିତ ପ୍ରସଙ୍ଗ। ଦଳବଦଳ ମାଧ୍ୟମରେ ଭଜନ ଲାଲ କିପରି ମୁଖ୍ୟମନ୍ତ୍ରୀ ହେଲେ ତାହା ଇତିହାସ ପୃଷ୍ଠାରେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ଟି ରାମାରାଓ ବିଦେଶ ଗସ୍ତରେ ଯାଇଥିବା ବେଳେ କିପରି ତାଙ୍କ ସରକାରକୁ ଭାଙ୍ଗି କଂଗ୍ରେସ ଏକ ବିଦ୍ରୋହୀ ନେତାଙ୍କୁ ଆଣି ମୁଖ୍ୟମନ୍ତ୍ରୀ କଲା ଏବଂ ପରେ ଏହାର ପତନ ହେଲା ତାହା କେହି ଭୁଲିନଥିବେ। ଓଡ଼ିଶାରେ ମଧ୍ୟ ଦଳବଦଳର କଳଙ୍କିତ ଇତିହାସ ରହିଛି। ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର ଏଠାରେ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି। ସବୁ ଦଳ ଏଥିରେ ଜଡ଼ିତ। ସବୁ ଦଳରେ ଘୋଡ଼ାମାନେ ଅଛନ୍ତି। ସେମାନଙ୍କୁ କିଣିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ଗତ ରାଜ୍ୟସଭା ନିର୍ବାଚନରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଘୋଡ଼ାବେପାର ମଧ୍ୟରେ ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ଜିତିଲେ। ଏହା ହେଉଛି ଉପରକୁ ଦେଖାଯାଉଥିବା ଘୋଡ଼ାବେପାର। କିନ୍ତୁ ଧର୍ମକୁ ଆଖିଠାର ମାରି ଦଳବଦଳ ନିୟମକୁ ଖତଗଦାରେ ଫିଙ୍ଗି ନେତାମାନେ ନିଜ ସ୍ୱାର୍ଥ ପାଇଁ ଅନ୍ୟ ଦଳକୁ ଚାଲିଯିବାର ଅନେକ ନଜିର ରହିଛି। ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା ରାଜ୍ୟସଭା ସଦସ୍ୟ ଦେବାଶୀଷ ସାମନ୍ତରାୟ ସଂସଦରୁ ଇସ୍ତଫା ଦେଇଛନ୍ତି। ନୈତିକତା ଦୃଷ୍ଟିରୁ ସେ ରାଜ୍ୟସଭାରୁ ଇସ୍ତଫା ଦେଇ ନାହାଁନ୍ତି। ଦଳବଦଳ ଆଇନକୁ ଅକାମୀ କରିବା ଲାଗି ସେ ଚତୁରତାର ସହ ଏପରି କରିଛନ୍ତି। ଯଦି ସେ ରାଜ୍ୟସଭାରୁ ଇସ୍ତଫା ଦେଇନଥାନ୍ତେ ତେବେ ଦଳବଦଳ ଅଧିନିୟମ ଆଧାରରେ ତାଙ୍କର ସଭ୍ୟପଦ ଆପେ କଟିଥାଆନ୍ତା। ଏହାକୁ ଏଡ଼ାଇବାକୁ ସେ ରାଜ୍ୟସଭାରୁ ଇସ୍ତଫା ଦେଲେ। ଏବେ ତାଙ୍କ ସ୍ଥାନରେ ଉପନିର୍ବାଚନ ହେବ। ସେହି ନିର୍ବାଚନରେ ଦେବାଶୀଷ ସାମନ୍ତରାୟ ବିଜେପି ପ୍ରାର୍ଥୀ ହେବେ। ରାଜ୍ୟ ବିଧାନସଭାରେ ବିଭିନ୍ନ ଦଳର ସଭ୍ୟ ସଂଖ୍ୟା ଯାହା ସେଥିରେ ଏକମାତ୍ର ଆସନରେ ଉପନିର୍ବାଚନ ହେଲେ ସେଥିରେ ବିଜେପି ହିଁ ଜିତିବ। ଅର୍ଥାତ ବାଡ଼ି ଭାଙ୍ଗିବନି କି ସାପ ମରିବନି ନୀତିରେ ଦେବାଶୀଷ ସାମନ୍ତରାୟ ଦଳବଦଳ କରିବେ, ତାଙ୍କ ରାଜ୍ୟସଭା ସଦସ୍ୟତା ମଧ୍ୟ ବଜାୟ ରହିବ। ଏହାକୁ କହନ୍ତି ଅନୈତିକ ରାଜନୀତିର ନମୂନା। ପୂର୍ବରୁ ମଧ୍ୟ ବିଜେଡିର ଦୁଇ ଜଣ ସଦସ୍ୟ ଏହି ନୀତିରେ ଦଳବଦଳ କରିଛନ୍ତି। ସୁଜିତ କୁମାର ଓ ମମତା ମହାନ୍ତ ଏହି କୌଶଳରେ ବିଜେପିକୁ ଯାଇଛନ୍ତି। ଏବେ ଦେବାଶୀଷ ସମାନ ରଣନୀତି ଆପଣାଇଲେ। ଏହା ଫଳରେ ରାଜ୍ୟସଭାରେ ବିଜେପିର ସଂଖ୍ୟା ବୃଦ୍ଧି ହେବ ଏବଂ ଆଗକୁ ଏହା ଦଳ ପାଇଁ ବଡ଼ ସଫଳତାର କାରଣ ହୋଇପାରେ। ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ ରାଜ୍ୟସଭାରେ ଗୃହୀତ ହେବାରେ ଆଉ କିଛି ଅସୁବିଧା ରହିବ ନାହିଁ। ଦେବାଶୀଷଙ୍କ ଦଳ ବଦଳ ବିଜେଡି ପାଇଁ ନିହାତି ବଡ଼ କ୍ଷତି ନୁହେଁ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

“ ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ୍ୟ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ୍ୟ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧ୍ୟରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ୍ୟ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ୍ୟ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ୍ୟ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧ୍ୟମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ଥ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ୍ୟ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧ୍ୟମ ଗୁଡିକ ମଧ୍ୟରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧ୍ୟମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧ୍ୟମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ୍ୟ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ୍ୟ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ୍ୟ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ୍ୟ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ୱନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ୍ୟ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ୍ୟ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲା॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଜୁନାଗଡ଼ରେ ମନ୍ଦିର ଓ ବ୍ୟାଙ୍କ କାନ୍ଥକୁ ଲାଗି ମଦ ଦୋକାନ

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ଛାତି ଉପରେ ଚାଲିଛି ବେଧଡ଼କ ମଦ କାରବାର । ଅବକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି ଏକ ନମ୍ବର ମଦ ଦୋକାନ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କାନ୍ଥକୁ ଲାଗି ବ୍ୟବସାୟ କରୁଛି । ଠିକ୍ ୧୦ ମିଟର ଦୂରରେ ରାଜ୍ୟ ସରକାରଙ୍କ କାଠ କର୍ପୋରେସନ୍, ଆଉ କିଛି ମିଟରରେ ମା ଲଙ୍କେଶ୍ୱରୀ ମନ୍ଦିର ଅବସ୍ଥିତ । ଏହା କେବଳ ନାମକୁ ମାତ୍ର 'ଠିପି ବନ୍ଦ' ଦୋକାନ ବାସ୍ତବରେ ଏହି ମଦ ଦୋକାନ ଆଗ ପୂରା ଠିପି ଖୋଲା ବାର୍ ରେ ପରିଣତ ହୋଇଛି । ବେଧଡକ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର କାନ୍ଥକୁ ଲାଗି ମଦ ଦୋକାନ ଖୋଲିଛି ଏସବୁକୁ ନେଇ ପ୍ରଶାସନ ଚୁପ ରହିବା ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ନୂଆ ବସଷ୍ଟାଣ୍ଡ ସ୍ଥିତ ୧ ନମ୍ବର କାଉଣ୍ଟରରେ ସକାଳୁ ସଞ୍ଜ ଯାଏଁ ମଦୁଆମାନେ ମଦ ଦୋକାନ ପାଖରେ ଏବଂ ରାସ୍ତା ଉପରେ ବସି ଢକ୍ ଢକ୍ ମଦ ପିଉଛନ୍ତି, ଗାଳିଗୁଲଜ କରୁଛନ୍ତି, ଯାତାୟାତ କରୁଥିବା ମହିଳାମାନଙ୍କୁ ଅଶାଳୀନ ଇଙ୍ଗିତ କରୁଥିବା ଅଭିଯୋଗ ହେଉଛି । ଦୁଃଖର ବିଷୟ ଏହି କି ଯେ ଅବକାରୀ ବିଭାଗକୁ ଭୟ କରୁ ନ ଥିବା କି ଏହି ବିଭାଗୀୟ ଅଧିକାରୀ ମାନେ କୌଣସି ପ୍ରକାର ନିୟନ୍ତ୍ରଣ କରୁ ନ ଥିବାରୁ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ସବୁଠାରୁ ସାଂଘାତିକ କଥା ହେଉଛି, କାନ୍ଥ ସେପଟେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ପ୍ରତିଦିନ ଶହ ଶହ ଗରିବ ଖଟିଖିଆ, ମହିଳା, ବୟସ୍କ ଲୋକ ଆସୁଛନ୍ତି ଏବଂ ମଦୁଆଙ୍କ ଆତଙ୍କରେ ସେମାନେ ଟଙ୍କା ନେଇ ବ୍ୟାଙ୍କକୁ ଯିବାକୁ ଡରୁଛନ୍ତି ଓ ଟଙ୍କା ଉଠାଇ ଘରକୁ ମଧ୍ୟ ଯିବାକୁ ଡରିବାର ସୂଚନା ମଧ୍ୟ ମିଳିଛି । ମହିଳା ଗ୍ରାହକଙ୍କ ସୁରକ୍ଷା ଏଠି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏକ ଆର୍ଥିକ ଅନୁଷ୍ଠାନ ପାଖରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେଲା କିଏ ? ଅବକାରୀ ନିୟମ କ'ଣ କେବଳ କାଗଜ କଲମରେ ? ସ୍ଥାନୀୟ ବାସିନ୍ଦାଙ୍କ ସିଧା ପ୍ରଶ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପାଖରେ ମଦ ଦୋକାନ ରହିପାରିବ ନାହିଁ ବୋଲି ନିୟମ ଥିଲେ ବି ଏଠି କାହିଁକି ଖୋଲା ଉଲ୍ଲଂଘନ କରି ବେଧଡକ ଭାବରେ ମଦ ଦୋକାନ ଚାଲିଛି ? କାହା ଛତ୍ରଛାୟାରେ ଚାଲିଛି ଏ ବେଆଇନ ମଦର ଆସର ଏ ନେଇ ଜୁନାଗଡ଼ ସହରରେ ବୁଦ୍ଧି ଜିବି ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ? ଜନସାଧାରଣଙ୍କ ଏକମାତ୍ର ଦାବି, ତୁରନ୍ତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନଚେତ୍ ମଦ ଦୋକାନକୁ ତୁରନ୍ତ ସିଲ୍ କରାଯାଉ । ପ୍ରତି ଦୁଇ ବର୍ଷରେ ଲଟେରୀ ମାଧ୍ୟମ ରେ ମଦ ଦୋକାନ ବଣ୍ଟା ଯାଉଥିବା ବେଳେ ଚଳିତ ବର୍ଷ ଆରମ୍ଭରେ ଦୋକାନ ସ୍ଥାନାନ୍ତର କରାଯିବ ପାଇଁ ଜନସାଧାରଣରେ ଦାବୀ ଉଠୁଛି । ପ୍ରଶାସନ ଯଦି ଏବେ ବି ଚୁପ୍ ବସେ, ତେବେ ଆଗାମୀ ଦିନରେ ଜୁନାଗଡ଼ର ବୁଦ୍ଧି ଜିବୀ ଜନସାଧାରଣ ଜୁନାଗଡ଼ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଜନତା ଖୋଲା ଚେତାବନୀ ଦେଇଛନ୍ତି ।

## ଶଶୁର ଘରେ ଜ୍ୱାଇଁକୁ ହତ୍ୟା


ଆଳି, (ମହାଭାରତ) : ଶ୍ୱଶୁର ଘର ଲୋକ ଜ୍ୱାଇଁଙ୍କୁ ମାରି ଦେଇଥିବା ନେଇ ମୃତ ଯୁବକଙ୍କ ମା ଆଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ନାଟରା ଗ୍ରାମର ସରସ୍ୱତୀ ସେଠୀଙ୍କ ପୁଅ ବାବନ ସେଠି ମାନପୁର ଗ୍ରାମରେ ବିବାହ କରିଥିଲେ । ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହିଥିବାରେ ପତ୍ନୀ ବାପ ଘର ମାନପୁର ଗାଁ ରେ ଦୁଇ ଝିଅକୁ ନେଇ ଆଠ ମାସ ହେବ ରହୁଥିଲେ । ବାବନ ମଧ୍ୟ ଅନେକ ସମୟ ରେ ଶଶୁର ଘରକୁ ଯାଉଥିଲେ, ଅନେକ ସମୟ ରେ ଶଶୁର ଘର ଲୋକ ଜ୍ୱାଇଁ ବାବନକୁ ମାଡ଼ ମାରୁଥିବା ମୃତ ବାବନଙ୍କ ମା ଆଳି ଥାନାରେ ଅଭିଯୋଗ କରିଛନ୍ତି । ଏହା ସହିତ ଗତ କାଲି ବାବନ ଶଶୁର ଘରକୁ ଝିଅ କୁ ନେବାକୁ ଆସିଥିଲେ, ହେଲେ ଘରକୁ ଫେରି ନଥିଲେ, ମାନପୁର ଭେଡାରେ ବାବନର ମୃତ ଦେହ ପଡ଼ିଥିବାରୁ ତାଙ୍କୁ ମାରି ଦେଇଥିବା ନେଇ ଅଭିଯୋଗ କରିଛନ୍ତି ଯୁବକଙ୍କ ମା । ଏ ନେଇ ବାବନଙ୍କ ସ୍ୱଶୁର ଘର ପକ୍ଷରୁ ଆଳି ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଗାଁ ଲୋକମାନେ ଗାଁ ଭେଡାରେ ଏକ ମୃତ ଦେହ ପଡ଼ିଥିବା ଖବର ପାଇ ଗ୍ରାମବାସୀ ସେଠାକୁ ଯାଇ ଦେଖିବା ପରେ ତାହା ବାବନଙ୍କ ମୃତ ଦେହ ଥିଲା । ଶ୍ୱଶୁର ଘର ପକ୍ଷରୁ ବାବନଙ୍କ ଘରକୁ ଏ ସମ୍ପର୍କ ରେ ଖବର ଦେଇଥିଲେ । ବାବନ ତାଙ୍କ ଘର କୁ ଅନେକ ଦିନ ହେଲା ଆସି ନାହାନ୍ତି, ବିଲ ଭେଡା ରେ କେମିତି ତାଙ୍କ ମୃତ ଦେହ ପଡିଥିଲା ପୋଲିସ ତଦନ୍ତ କଲେ ଜଣା ପଡିବ । ଆମ ପରିବାର ଲୋକଙ୍କ ଉପରେ ଯେଉଁ ଅଭିଯୋଗ ଅଣା ଯାଉଛି ତାହା ସମ୍ପୂର୍ଣ୍ଣ ମିଛ । ଆଳି ପୋଲିସ ଯୁଡ଼ି କେସ ନଂ ୧୧ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## ମା' ମାଟିର ବିକାଶ ପାଇଁ ଗଠିତ ହେଲା 'ଗୋବିନ୍ଦପୁର ଆଞ୍ଚଳିକ ବିକାଶ ପରିଷଦ'

କଣ୍ଟାପଡ଼ା,(ମହାଭାରତ) : ମାଟିର ବିକାଶ ଓ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ଗୋବିନ୍ଦପୁର ଗ୍ରାମପଞ୍ଚାୟତ କଲ୍ୟାଣମଣ୍ଡପ ଠାରେ ଅଞ୍ଚଳର ପ୍ରାୟ ଶହେରୁ ଊର୍ଦ୍ଧ ମାନ୍ୟଗଣ୍ୟ ବ୍ୟକ୍ତି, ନେତୃମଣ୍ଡଳୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଆଇନଜୀବୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ 'ମା' ମାଟି ପାଇଁ ଏକାଠି' ହେବାର ସଂକଳ୍ପ ନେଇ ଗୋବିନ୍ଦପୁର ଆଞ୍ଚଳିକ ବିକାଶ ପରିଷଦ ନାମକ ଏକ ନୂତନ ଅନୁଷ୍ଠାନର ଶୁଭାରମ୍ଭ କରାଯାଇଛି । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବା ସହ ପ୍ରଶାସନର ସହଯୋଗରେ ଗୋବିନ୍ଦପୁରକୁ ପ୍ରଗତି ପଥରେ ଆଗେଇ ନେବା ଏହି ପରିଷଦର ମୁଖ୍ୟ ଲକ୍ଷ୍ୟ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏହା ସହିତ ଆଗାମୀ ଦିନରେ ଅଞ୍ଚଳର ଉନ୍ନତି ପଣି ପାଇଁ ଜନସାଧାରଣଙ୍କୁ ଏଥିରେ ସାମିଲ କରାଯାଇ ଏହାକୁ ଏକ ବୃହତ୍ତ ଓ ବିଶ୍ୱାସଯୋଗ୍ୟ ସଂଗଠନ ଭାବେ ଗଢ଼ି ତୋଳିବାକୁ ନିଷ୍ପତ୍ତି ନିଆଯାଇଛି । ଗୋବିନ୍ଦପୁର ମଣ୍ଡଳର ପୂର୍ବତନ ସଭାପତି ବାବୁଲି ଚରଣ ବେହେରାଙ୍କ ଆବାହନରେ ଏହି ସଭାଟି ସଫଳତାର ସହ ସମ୍ପାଦିତ ହୋଇଥିବା ବେଳେ ପରିଶେଷରେ ବାବୁରାମ ଭୋଇ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳାବ୍ୟାଚ ପିନ୍ଧି ପ୍ରତିବାଦ

କପ୍ତିପଦା, (ମହାଭାରତ) : ଯାଜପୁର ଟ୍ରେଜେରି କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ବ୍ରହ୍ମାନନ୍ଦ ନାଥ ଶର୍ମା ଙ୍କୁ କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର ଆକ୍ରମଣ କରିବା ଘଟଣା କୁ ନେଇ ଉଠିଛି ପ୍ରତିବାଦର ସ୍ୱର । ଆକ୍ରମଣକାରି ଅଧିକାରୀ ଙ୍କ ବିରୋଧରେ ଦୃଢ଼



କାର୍ଯ୍ୟାନୁଷ୍ଠାନ ଦାବି କରି ସମସ୍ତ ଟ୍ରେଜେରି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କରିଛନ୍ତି ପ୍ରତିବାଦ । ଉଦଳା ଟ୍ରେଜେରି କାର୍ଯ୍ୟାଳୟର କର୍ମଚାରୀ ମାନେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରିଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହିଭଳି କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବେ ଏବଂ ୭ ଦିନ ଭିତରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନ କୁ ଓହ୍ଲାଇବ । ସଂଘ ଦାବି ଅନୁସାରେ କୋଷାଗାର ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ରୁ ଅପସାରଣ କରିବାକୁ ଦାବି କରାଯାଇଛି । ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି ସଂଘର ସଭାପତି ।

## ପାରାଦୀପ ନଗରପାଳଙ୍କ ଘରକୁ ପେଟ୍ରୋଲ ବୋମାମାଡ ଘଟଣା- ୩ କୋର୍ଟ ଚାଲଣ : ମୁଖ୍ୟ ଅଭିଯୁକ୍ତକୁ ଗିରଫ ପାଇଁ ଚଢାଉ




ପାରାଦୀପ, (ମହାଭାରତ) : ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରକୁ ବୋମାମାଡ ଘଟଣାରେ ପାରାଦୀପ ପୋଲିସ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲଣ କରିଛି ପୋଲିସ୍ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ମଧୁବନ ଅଂଚଳର ଗଜେନ୍ଦ୍ର ପରିଡାଙ୍କ ପୁଅ ଜ୍ୟୋତିକାନ୍ତ ପରିଡା (ବାପୁ) ବୋଲି ବୁଧବାର ଦିନ ମଧ୍ୟାହ୍ନରେ ପାରାଦୀପ ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲା ଏସପି ଅଙ୍କିତ ବର୍ମା । ଗତ ଶନିବାର ସଂନ୍ଧ୍ୟାରେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ମଧୁବନସ୍ଥିତ ବାସଭବନରେ ୩ଜଣ ଅଭିଯୁକ୍ତ ଏକ ମୋଟର ସାଇକେଲ୍‌ରେ ଆସି ତିନି ଗୋଟି ପେଟ୍ରୋଲ ବୋମା ପକାଇ ଫେରାର ହୋଇଯାଇଥିଲେ । ଏହି ଦିନ ରାତିରେ ନଗରପାଳ ଶ୍ରୀ ବିଶ୍ୱାଳ ପାରାଦୀପ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପାରାଦୀପ ପୋଲିସ୍ ୧୪୭/୨୬ରେ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ କରି ୯ଜଣଙ୍କୁ ଥାନାକୁ ଆଣି ଅଟକ ରଖି ଜେରା କରିଥିଲା । ତଦନ୍ତ ସମୟରେ ପୋଲିସ୍ ପାରାଦୀପ ବୃନ୍ଦାବନ କଲୋନୀ ଅଂଚଳର ଦୂର୍ଯ୍ୟୋଧନ ପ୍ରଧାନଙ୍କ ପୁଅ ତ୍ରିଲୋଚନ ପ୍ରଧାନ (ଟୁଲୁ) ପ୍ରଥମେ ପଚରାଉଚରା କରିବା ସମୟରେ ତା ସହିତ ମଧୁବନ ଅଂଚଳର ଶିବରାମ ପଲେଇଙ୍କ ପୁଅ ସୌମ୍ୟରଂଜନ (ହାପି) ଏବଂ ସେହି ଅଂଚଳର ବିକ୍ରମ ବିଶ୍ୱାଳଙ୍କ ପୁଅ ସିଦ୍ଧାନ୍ତ ବିଶ୍ୱାଳ (ହନୁଆ) ଥିବା ଜଣା ପଡିଥିଲା । ଏହା ପରେ ପୋଲିସ ସେ ଦୁଇ ଜଣଙ୍କୁ ଧରି ଜେରା କରିବା ପରେ ଘଟଣା ପଛରେ ବାପୁ ପରିଡାଙ୍କ ସଂପୃକ୍ତି ଜଣା ପଡିଥିଲା । ମ୍ୟୁନିସିପାଲିଟି କାମ ନେବାକୁ ନେଇ ନଗରପାଳ ଶ୍ରୀ ବିଶ୍ୱାଳଙ୍କ ସହିତ ବାପୁ ପରିଡାଙ୍କ ମତଭେଦ ଥିଲା । ଏହି କାରଣରୁ ବାପୁ ପରିଡା ଇଙ୍ଗିତରେ ଏହି ୩ ଅଭିଯୁକ୍ତ ନଗରପାଳ ଶ୍ରୀ ବିଶ୍ୱାଳଙ୍କୁ ଭୟଭୀତ କରାଇବା ପାଇଁ ପେଟ୍ରାଲ ବୋମା ମାଡ କରିଥିବା ନେଇ ଏସପି ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ବାପୁ ପରିଡାକୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ କରାଯାଇଥିବା ନେଇ ସେ ସୂଚନା ଦେଇଥିଲେ । ଗିରଫ ୩ ଅଭିଯୁକ୍ତଙ୍କୁ ପୋଲିସ୍ ବୁଧବାର ଦିନ ଅପରାହ୍ନରେ କୋର୍ଟ ଚାଲଣ କରିଛି । ପ୍ରକାଶଥାଉକୁ, ଏହି ବୋମା ମାଡ ପରେ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ନେତା ନିରଂଜନ ନାୟକ ଘଟଣା ପଛରେ ବାପୁ ପରିଡାଙ୍କ ହାତ ଥିବା ନେଇ ସ୍ପଷ୍ଟ ଭାବେ ଅଭିଯୋଗ କରି ଥିଲେ ।

## ରାଇଘର ପଞ୍ଚାୟତ ସମିତିର ସପ୍ତମ ବୈଠକ



ରାଇଘର ବ୍ଲକ(ମହାଭାରତ)କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଅଧ୍ୟକ୍ଷତା କରିଥିଲେ । ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଡ଼ିଓ ରିତୁ ସିଂ ବିବରଣୀ ପ୍ରଦାନ କରିଥିଲେ । ଏହା ସହିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ବୈଠକରେ ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ତାଲିକା ପ୍ରଦାନ କରିଥିଲେ । ଏହି ବୈଠକରେ ରାଇଘର ଅତିରିକ୍ତ ତହସିଲଦାର, ସାଂସଦ ପ୍ରତିନିଧି ପ୍ରିତୀ ସ୍ମିତା ମହାପାତ୍ର,ଏବିଡିଓ ବିଜୟ କୁମାର ସେଠୀ, ଯତୀନ୍ଦ୍ର ନାଥ ଗଣ୍ଡ, ଖଗେଶ୍ୱର ହରିଜନ,ନାନାରା ଖରା, ଏହି ବୈଠକରେ ୨୬ ଗୋଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ବ୍ଲକର ସମସ୍ତ ଅଧିକାର ମାନେ ଯୋଗ ଦେଇଥିଲେ ।ସେମାନେ ପାନୀୟ ଜଳ ଯୋଗାଣ,ପରିମଳ, ଗ୍ରାମ୍ୟ ସଡକ, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଶିକ୍ଷା, କୃଷି, ଅନ୍ତୋଦୟ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନର ବିନିଯୋଗ, ସମାଜ କଲ୍ୟାଣ ଯୋଜନା, ଗ୍ରାମ୍ୟ ଉନ୍ନୟନ ଯୋଜନା, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମୂହ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ଅନ୍ୟାନ୍ୟ ଗ୍ରାମୀଣ ଯୋଜନା ଗୁଡ଼ିକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନ ଦାବୀ କରିଛନ୍ତି ।

## ଜିଲ୍ଲାସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଗଣିଆ/ଖଣ୍ଡପଡ଼ା, (ମହାଭାରତ): ଖଣ୍ଡପଡ଼ା ବ୍ଲକ ପ୍ରସିଦ୍ଧ ଗୋକୁଳାନନ୍ଦ ପୀଠ ପରିସରରେ ଜିଲ୍ଲାସ୍ତରୀୟ ଦୁଇ ଦିନିଆ 'ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ–୨୦୨୬' ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ କାର୍ଯ୍ୟକର୍ତ୍ତା, ପଦାଧିକାରୀ ଓ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସଂଗଠନର ଆଦର୍ଶ, କାର୍ଯ୍ୟପଦ୍ଧତି ଏବଂ ଜନସେବା ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' ଦର୍ଶନ ଆଜି ମଧ୍ୟ ସମାଜ ଗଠନ ଓ ରାଷ୍ଟ୍ର ନିର୍ମାଣରେ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ରହିଛି । ସଂଗଠନର ପ୍ରତ୍ୟେକ କର୍ମୀ ନିଜକୁ ଜନସେବାରେ ସମର୍ପିତ କରି ସାଧାରଣ ଲୋକଙ୍କ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରଶିକ୍ଷଣ ହେଉଛି ସଂଗଠନର ଶକ୍ତି ବୃଦ୍ଧିର ମୂଳ ଆଧାର । ଏଭଳି ଶିବିର କର୍ମୀମାନଙ୍କୁ ଆଦର୍ଶ, ଶୃଙ୍ଖଳା ଓ ଦାୟିତ୍ୱବୋଧ ପ୍ରତି ଅଧିକ ସଚେତନ କରିଥାଏ । ଏହି ଅବସରରେ ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ପୂର୍ବତନ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ଦାଶ, ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଏସି ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ବଳିଆରସିଂ, ଜିଲ୍ଲା ମହିଳା ସଭାନେତ୍ରୀ ଅର୍ଚ୍ଚନା ଦାଶ ଏବଂ ସମସ୍ତ ମଣ୍ଡଳ ସଭାପତି, ସଭାନେତ୍ରୀ, ସଂପାଦକଙ୍କ ସମେତ ଜିଲ୍ଲାସ୍ତରୀୟ ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ଶିବିରର ବିଭିନ୍ନ ଅଧିବେଶନରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ତୃଣମୂଳ ସ୍ତରରେ ସଂଗଠନାତ୍ମକ କାର୍ଯ୍ୟକଳାପକୁ ଗତିଶୀଳ କରିବା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ଶେଷରେ ଆୟୋଜକମାନଙ୍କ ପକ୍ଷରୁ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ଦୁଇ ଦିନିଆ ମହା ଅଭିଯାନ ଜିଲ୍ଲାର ସଂଗଠନାତ୍ମକ କାର୍ଯ୍ୟଧାରାକୁ ଏକ ନୂତନ ଦିଗଦର୍ଶନ ଦେଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।



## ଭରାଣ୍ଡିଆ ବେହେରାସାହି–ପାଥରବେଡା ରାସ୍ତାର ଦୟନୀୟ ଅବସ୍ଥା, ଯାତାୟାତ ଓ ଜନଜୀବନ ବିପର୍ଯ୍ୟସ୍ତ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ପଞ୍ଚାୟତର ଭରାଣ୍ଡିଆ ବେହେରାସାହିରୁ କେନ୍ଦୁଝର ଜିଲ୍ଲା ସୀମାନ୍ତ ପାଥରବେଡା ପର୍ଯ୍ୟନ୍ତ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ରାସ୍ତାର ଦୟନୀୟ ପରିସ୍ଥିତି ଯୋଗୁଁ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଥିବା ବେଳେ, ପ୍ରଶାସନର ଉଦାସୀନତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୂଚନା ଅନୁଯାୟୀ, ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଏହି ରାସ୍ତାରେ ମେଟାଲିଂ କାର୍ଯ୍ୟ କରାଯାଇଥିଲା । ମାତ୍ର ଛଅ ମାସ ମଧ୍ୟରେ ରାସ୍ତାରୁ ମେଟାଲ ଉଠିଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଖାଲଖମା ଓ କାଦୁଅରେ ପରିଣତ ହୋଇଥିବାରୁ ସାଇକେଲ କିମ୍ବା ମୋଟର ସାଇକେଲରେ ଯାତାୟାତ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିଛି । ଚାରିଚକିଆ ଯାନ ଚଳାଚଳ କରିବା ତ ଦୂରର କଥା, ଅନେକ ସ୍ଥାନରେ ପାଦେ ଚାଲିବା ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ରାସ୍ତାଟି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ମଧ୍ୟରେ ଏକ ପ୍ରମୁଖ ସଂଯୋଗ ପଥ ହୋଇଥିବାରୁ କେନ୍ଦୁଝର ଜିଲ୍ଲାର ପଣସଦଡିହା ଓ ମନୋହରପୁର ପଞ୍ଚାୟତର ଶତାଧିକ ଲୋକ ଠାକୁରମୁଣ୍ଡା ବଜାର, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ । କିନ୍ତୁ ରାସ୍ତାର ଅବସ୍ଥା ଖରାପ ଥିବାରୁ ସେମାନଙ୍କୁ ଅନେକ ଦୂର ବୁଲି ବିକଳ୍ପ ରାସ୍ତାରେ ଯାତାୟାତ କରିବାକୁ ପଡୁଛି । ଫଳରେ ଅଧିକ ସମୟ ଓ ଅର୍ଥ ବ୍ୟୟ ହେଉଛି । ବିଶେଷ କରି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ରାସ୍ତା ବଡ଼ ସମସ୍ୟା ସୃଷ୍ଟି କରୁଛି । ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ କିମ୍ବା ଅଟୋ ଗ୍ରାମକୁ ପହଞ୍ଚି ପାରୁନାହିଁ । ରୋଗୀଙ୍କୁ ଖଟିଆ କିମ୍ବା ଅନ୍ୟ ଉପାୟରେ ଦୂର ପର୍ଯ୍ୟନ୍ତ ନେଇଯିବାକୁ ପଡୁଥିବାରୁ ଲୋକମାନେ ଚରମ ଦୁର୍ଭୋଗ ଭୋଗୁଛନ୍ତି । ବର୍ଷା ଦିନରେ ଅବସ୍ଥା ଆହୁରି ସଙ୍ଗୀନ ହୋଇପଡୁଛି । ଅନ୍ୟପଟେ ଭରାଣ୍ଡିଆ ବେହେରାସାହିର ପ୍ରାୟ ୬୦ଟି ପରିବାରର ୧୮୦ରୁ ଅଧିକ ଲୋକଙ୍କ ଜୀବନ ଏହି ରାସ୍ତା ସମସ୍ୟା ଯୋଗୁଁ ପ୍ରଭାବିତ ହେଉଛି । ଘରୁ ବାହାରିବା ମାତ୍ରେ ଖାଲଖମା ଓ କାଦୁଅ ଭର୍ତ୍ତି ରାସ୍ତା ସେମାନଙ୍କ ପାଇଁ ମୁଖ୍ୟ ବାଧା ପାଲଟିଛି । ଏପରିକି ପାନୀୟ ଜଳ ଆଣିବା ପାଇଁ ମଧ୍ୟ ଲୋକଙ୍କୁ ଅନେକ କଷ୍ଟ ସହିବାକୁ ପଡୁଛି । ସ୍ଥାନୀୟ ବାସିନ୍ଦା ଝୁନୁ ବେହେରା ଦୁଃଖଭରା କଣ୍ଠରେ କହିଛନ୍ତି, "ଘରୁ ବାହାରିଲେ ରାସ୍ତା ସାରା ଖାଲ, ପାଣି ଓ କାଦୁଅ । ନା ଆମେ ପାଣି ଆଣିବାକୁ ଠିକ୍ ? ଭାବରେ ଯାଇପାରୁଛୁ, ନା ଅନ୍ୟ କୌଣସି କାମରେ ବାହାରିପାରୁଛୁ । କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ପହଞ୍ଚି ପାରୁନାହିଁ । ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆମ ସମସ୍ୟା ପ୍ରତି କେହି ଧ୍ୟାନ ଦେଉନାହାନ୍ତି ।" ଅଞ୍ଚଳବାସୀଙ୍କ ଦାବି ହେଉଛି, ଏହି ଗୁରୁତ୍ୱପୂର୍ଣ୍ଣ ସଂଯୋଗ ରାସ୍ତାର ସ୍ଥାୟୀ ମରାମତି ସହ ପକ୍କାକରଣ କରାଯାଉ । ଏହାଦ୍ୱାରା ଦୁଇ ଜିଲ୍ଲାର ଲୋକମାନଙ୍କ ଯାତାୟାତ ସୁବିଧାଜନକ ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ବିକାଶ ସମ୍ଭବ ହେବ । ତେଣୁ ପ୍ରଶାସନ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।

## ବାଲିପାଟଣା ପାଲଟିଛି ଅପରାଧୀ ମାନଙ୍କ ଚରାଭୂଇଁ !

ବାଲିପାଟଣା, (ମହାଭାରତ) : ଭୁବନେଶ୍ୱର କମିସନରେଟ ପୋଲିସ ଅଧୀନ ବାଲିପାଟଣା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପୁଲିସର ନିଷ୍କ୍ରିୟତା ଯୋଗୁଁ ଅଞ୍ଚଳଟି ଏବେ ଚୋର ଓ ଅପରାଧୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି । ଚୋରି, ରାହାଜାନି, ଅବାଧ ନିଶା କାରବାର ସହ ଦିନଦିପହରେ ହତ୍ୟା ଭଳି ସଙ୍ଗୀନ ମାମଲା ବଢ଼ିଚାଲିଥିବା ବେଳେ ଏବେ ସାଧାରଣ ଜନତାଙ୍କ ସହ ଦେବାଦେବୀ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛନ୍ତି । ପୁଲିସ କେବଳ ଲୋକଦେଖାଣିଆ ତଦନ୍ତ କରି ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଛି । ଗତ ମାସ ୨୦ ତାରିଖରେ ଦେଉଳିଧରପୁର ସ୍ଥିତ ବୁଦ୍ଧିକେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ହୁଣ୍ଡୀରୁ ନଗଦ ୧୩ ହଜାର ଟଙ୍କା, ପିତଳ ଘଣ୍ଟି, ଥାଳି, ବାସନକୁସନ ଓ ଗ୍ୟାସ ସିଲିଣ୍ଡର ଲୁଟି ନେଇଥିଲେ । ସେତେବେଳେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତର ନାଟକ କରିଥିଲେ ବି ଚୋରଙ୍କ ଟେର ପାଇନଥିଲା । ପୁଲିସର ଏହି ଅପାରଗତା ଯୋଗୁଁ ଚୋରଙ୍କ ସାହସ ଏପରି ବଢ଼ିଗଲା ଯେ, ଗତକାଲି ରାତିରେ ସେମାନେ ପୁଣି ସେହି ମନ୍ଦିରରେ କଳାକନା ବୁଲାଇଛନ୍ତି । ଗ୍ରାମବାସୀଙ୍କ ସୂଚନା ଅନୁସାରେ, ଏଥର ଚୋରମାନେ ମନ୍ଦିର ଗୃହର ତାଲା ଭାଙ୍ଗି ପୂର୍ବରୁ ବଳିଯାଇଥିବା ମୂଲ୍ୟବାନ 'ଆହୁଜା' ସାଉଣ୍ଡ ମେସିନ, ଷ୍ଟାଣ୍ଡ, ମାଇକ୍ରୋଫୋନ, ବୈଦୁତିକ ଉପକରଣ ଓ ବାସନକୁସନ ଲୁଟି ନେଇଛନ୍ତି । ଆଜି ସକାଳେ ପୂଜକ ଏହା ଦେଖିବା ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ । ବାରମ୍ବାର ଲୁଟ୍ ?କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପୁଣି ଏକ ଲିଖିତ ଅଭିଯୋଗ କରାଯାଇଛି । କମିସନରେଟ ପୁଲିସ ଏହି ମାମଲାକୁ କେତେ ଗମ୍ଭୀରତାର ସହ ନେଉଛି, ତାହା ଦେଖିବାକୁ ବାକି ରହିଲା ।

## ବିଶ୍ୱ ମଂଚରେ ଇଫକୋର ଶ୍ରେଷ୍ଠତା ପ୍ରମାଣିତ- ଭାରତ ଆମେରିକା କୃଷି ସହଯୋଗକୁ ମିଳିଲା ନୂଆ ଦିଶା

## ଭାରତ ଆମେରିକା କୃଷି ସହଯୋଗ ବୈଠକରେ ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ଉପସ୍ଥାପନା



ପାରାଦୀପ, (ମହାଭାରତ) : ଭାରତର କୃଷି ଓ କୃଷକମାନଙ୍କ ବିକାଶ କ୍ଷେତ୍ରରେ ଇଫକୋର ଅବଦାନ ଅତୁଳନୀୟ । ଭାରତ-ଆମେରିକା କୃଷି ସହଯୋଗ ମଂଚରେ ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ହୋଇଥିବା ଅଲୋଚନା ଚକ୍ରରେ କୃଷିକ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ସହଯୋଗର ନୂଆ ମାର୍ଗ ଖୋଲିଥିବା ନେଇ ଶ୍ରୀ ସଂଘାଣୀ ସୂଚନା ଦେଇଥିଲେ । ଅନେକ ଘାତପ୍ରତିଘାତ ମଧ୍ୟରେ ନବାଚାର ଆଧାରିତ କୃଷି ନୀତି, କୃଷକମାନଙ୍କ ବିକାଶ, ଖାଦ୍ୟ ସୁରକ୍ଷା ତଥା କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ଦୁଇ ଦେଶ ମଧ୍ୟରେ ଏକତ୍ୱ ଭାବର ଆବଶ୍ୟକତା ଥିବା ଶ୍ରୀ ସଂଘାଣୀ କହିଛନ୍ତି । ଆମେରିକାର ପ୍ରତିଷ୍ଠିତ ଉଦ୍ୟୋଗ ଏବଂ ବାଣିଜ୍ୟ ସଂଗଠନ ୟୁଏସଆଇବିସି ଦ୍ୱାରା ଆୟୋଜିତ ଏହି ମଂଚରେ ସମଗ୍ର ଭାରତବର୍ଷରେ କୃଷକମାନଙ୍କ ହିତ ପାଇଁ ଇଫକୋର ଆର୍ନ୍ତଜାତୀୟ ପ୍ରତିଷ୍ଠାତା ଦଲୀପ ସଂଘାନୀଙ୍କ ନେତୃତ୍ୱରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ବୋଲି ପ୍ରମାଣ ମିଳିଲା । ଏହି ବୈଠକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଉନ୍ନତ କୃଷି ପ୍ରଣାଳୀର ଉପଯୋଗ, ମୃର୍ତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷଣରେ ବିକାଶ,କୃଷକମାନଙ୍କୁ ନୂତନ କୃଷି ପ୍ରଣାଳୀ ପ୍ରଦାନରେ ସହାୟତା, ନବାଚାର ଆଧାରିତ ସମାଧାନ ବିକଶିତ କରିବା ତଥା ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ମଜଭୁତ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ଦୁଇ ଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ପ୍ରତିନିଧିମାନେ ଏହି କ୍ଷେତ୍ରରେ ସହମତି ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ର ପରେ ଭାରତ ଓ ଆମେରିକା ମଧ୍ୟରେ କୃଷି କ୍ଷେତ୍ରରେ ସହଭାଗିତା ସୃଷ୍ଟିର ଦ୍ୱାର ଖୋଲିବ ଏବଂ କୃଷିକ୍ଷେତ୍ରରେ ଏକ ଦୀର୍ଘକାଳୀନ ଲାଭ ହେବା ନେଇ ଆଶା ସୃଷ୍ଟି ହୋଇଛି । ଇଫକୋ ଅଧ୍ୟକ୍ଷ ଦଲୀପ ସଂଘାଣୀଙ୍କ ନେତୃତ୍ୱରେ ସମଗ୍ର ବିଶ୍ୱରେ ଭାରତ-ଆମେରିକା ମିଳିତ ଭାବେ କୃଷିର ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଯାହାକି ଦେଶର ସମବାୟଭିତ୍ତିକ କୃଷି ବିକାଶକୁ ଆର୍ନ୍ତଜାତୀୟସ୍ତରରେ ନୂତନ ପରିଚୟ ସୃଷ୍ଟି କରିବା ସହିତ କୃଷକମାନଙ୍କ ଉତ୍ପାଦନ ଓ କୃଷି ସୁରକ୍ଷାକୁ ସୁଦୃଢ଼ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ପ୍ରତିଶୋଧ ନେଲା ପାକିସ୍ତାନ ସେନା, ୧୭ ବିଦ୍ରୋହୀଙ୍କୁ ମାରିଦେଲା...କିନ୍ତୁ କାହିଁକି ?

ନୂଆଦିଲ୍ଲୀ : ପାକିସ୍ତାନର ପ୍ରତିଶୋଧ । ବଲୁଚିସ୍ତାନରେ ପାକ୍ ସେନାର ବଡ ପଦକ୍ଷେପ । ଗତ ସପ୍ତାହରେ ପାକ୍ ରେ ଟ୍ରେନ୍ ଉପରେ ହୋଇଥିବା ଘାତକ ଆକ୍ରମଣର ସେନା ପ୍ରତିଶୋଧ ନେଇଛି । ବଲୁଚିସ୍ତାନରେ ପଶି ୧୭ ବିଦ୍ରୋହୀଙ୍କୁ ସୁରକ୍ଷା କର୍ମୀ ହତ୍ୟା କରିଛନ୍ତି । ଏହାସହ ବିଦ୍ରୋହୀଙ୍କ କ୍ୟାମ୍ପରୁ ବିପୁଳ ମାତ୍ରାରେ ଗୁଳିଗୋଳା ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ପାକିସ୍ତାନ ସେନା ମଙ୍ଗଳବାର ଏହି ଅପରେସନ ବାବଦରେ ତଥ୍ୟ ଦେଇଛି । ପାକ୍ ପକ୍ଷରୁ କୁହାଯାଇଛି ଯେ, ବିଦ୍ରୋହୀଙ୍କ ପାଖରେ ବିପୁଳ ମାତ୍ରାରେ ବିସ୍ଫୋରକ ଏବଂ ଆଇଡି ରହିଥିଲା । ଯାହା ଜବତ ହୋଇଛି । ସମସ୍ତ ବିଦ୍ରୋହୀଙ୍କୁ ନିପାତ କରାଯିବ । ଏଥିପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି । ଏହାସହ ଆତଙ୍କବାଦ ବିରୋଧୀ ଅଭିଯାନ ଜୋରସୋରରେ ଚାଲିବ । ସୂଚନାଯୋଗ୍ୟ, ଗତ ମେ ୨୪ ତାରିଖରେ ବଲୁଚିସ୍ତାନର ରାଜଧାନୀ କ୍ୱେଟାର ସୈନ୍ୟ ଅଞ୍ଚଳରେ ଏକ ଟ୍ରେନ୍ ଉପରେ ଆକ୍ରମଣ କରାଯାଇଥିଲା । ବୋମା ଦ୍ୱାରା ଟ୍ରେନ୍ କୁ ଟାର୍ଗେଟ୍ କରାଯାଇଥିଲା । ଏଥିରେ ୧୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ବଲୁଚ୍ ଲିବରେସନ ଆର୍ମୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା । ଆକ୍ରମଣ ପରେ ପାକ୍ ସେନା ଆକ୍ଟିଭ୍ ହୋଇଥିଲା । ଗୁଇନ୍ଦା ତଥ୍ୟ ସଂଗ୍ରହ କରାଯାଇଥିଲା । ତଥ୍ୟ ଆଧାରରେ ବଲୁଚିସ୍ତାନର ମସ୍ତୁଙ୍ଗ୍, ନୁସକି, ଜେହେରୀ, ଖୁଜଦାର ଜିଲ୍ଲାରେ ସେନା ଚଢଉ କରିଥିଲା । ଅପରେସନରେ ସୁରକ୍ଷା କର୍ମୀ ଏବଂ ବିଦ୍ରୋହୀ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ।

ପାକ୍ ସେନା ଆହୁରି କହିଛି ଯେ, ଅନେକ ସମୟ ଧରି ଗୁଳି ବିନିମୟ ହୋଇଥିଲା । ଏଥିରେ ୧୭ ଜଣ ବିଏଲଏ ବିଦ୍ରୋହୀ ପ୍ରାଣ ହରାଇଥିଲେ । ଯାହା ବିଏଲଏକୁ ବଡ ଝଟକା ବୋଲି ପାକ୍ ସରକାର କହିଛନ୍ତି ।

# ଭାରତ ଉପରେ ଲାଗିବ ଆହୁରି ଅଧିକ ଟାରିଫ୍ ! ଚିନ୍ତା ବଢାଇଲା ଆମେରିକାର ଧାରା '୩୦୧'

ନୂଆଦିଲ୍ଲୀ : ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କରେ ସୁଧାର ଆସିଥିବା ବେଳେ ଏବେ ପୁଣି ନୂଆ ଗୋଟି ଚାଳନା ଆରମ୍ଭ କରିଛନ୍ତି ୟୁଏସ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ଦୁଇ ଦେଶ ମଧ୍ୟରେ ଚାଲିଥିବା ବ୍ୟବସାୟିକ ବୁଝାବଣା ମଧ୍ୟରେ ସୁଏସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ ବା ୟୁଏସଟିଆର ଭାରତକୁ ତ୍ରୁଟିପୂର୍ଣ୍ଣ ବ୍ୟବସାୟ କରୁଥିବା ଦେଶ ତାଲିକାରେ ସାମିଲ କରିଛି । ଫଳରେ ଏହି ତାଲିକାରେ ଥିବା ଦେଶରୁ ଆମଦାନୀ ଉପରେ ୧୦ରୁ ୧୨.୫ ପ୍ରତିଶତ ଯାଏଁ ଅତିରିକ୍ତ ଟାରିଫ୍ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି । ୟୁଏସଟିଆର ସେକ୍ସନ ୩୦୧ ଆଧାରରେ ତାଲିକା ପ୍ରକାଶ କରିଛି । ଭାରତକୁ ଅନ୍ୟ ୫୪ ଅର୍ଥବ୍ୟବସ୍ଥା ବିଶିଷ୍ଟ ତାଲିକାରେ ସାମିଲ କରାଯାଇଛି । ଏହି ସବୁ ଦେଶ ନିର୍ଧାରିତ ପରିମାଣଠାରୁ ଅଧିକ ଆମଦାନୀ କରିଥାନ୍ତି । ଯାହାର ସଠିକ କାରଣ ସେମାନେ ଦର୍ଶାଇ ପାରନ୍ତି ନାହିଁ । ଏପରିକି ଅଧିକ ମାତ୍ରାରେ ଆମଦାନୀ କରିବା ପାଇଁ ବଳପୂର୍ବକ ଶ୍ରମ ଶକ୍ତିକୁ ବ୍ୟବହାର କରାଯାଏ । ଯାହାକୁ ରୋକିବା ପାଇଁ ଦେଶଗୁଡିକ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିନାହାଁନ୍ତି ।



ୟୁଏସଟିଆର ଟେକ୍ସଟାଇଲ୍ ଏବଂ ପୋଷାକ ପାଇଁ ଭିନ୍ନ ଭିନ୍ନ ବ୍ୟବସ୍ଥା ବାବଦରେ ପରାମର୍ଶ ଦେଇଛି । ଫଳରେ କିଛି ବଛାବଛା ଦେଶ ଉପରେ ସେକ୍ସନ-୩୦୧ ଆଧାରରେ ଆମଦାନୀ ହେଉଥିବା ବସ୍ତୁ ଉପରେ ଟାରିଫ୍ ଲାଗିବ । ଆମେରିକୀୟ ଅଧିକାରୀ ଜେମିସନ୍ ଗ୍ରୀର୍ କହିଛନ୍ତି ଯେ, ଅନେକ ଦେଶ ଆମେରିକା ସହ ବାଣିଜ୍ୟ କାରବାର ନେଇ ରହିଥିବା ସର୍ତ୍ତର ଉଲ୍ଲଙ୍ଘନ କରୁଛନ୍ତି । ଶ୍ରମିକଙ୍କୁ ଜବରଦସ୍ତି ଓ ବଳ ପ୍ରୟୋଗ କରି ପ୍ରସ୍ତୁତ ହେଉଥିବା ବସ୍ତୁକୁ ରୋକିବାରେ ବିଫଳ ହୋଇଛନ୍ତି । ଯାହାକୁ ଗ୍ରହଣ କରାଯାଇପାରିବ ନାହିଁ । ତାଲିକାରେ ଭାରେତ ସମେତ ଆଲଜେରିଆ, ଅଙ୍ଗୋଲା, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବାହମସ, ବାଂଲାଦେଶ, ବ୍ରାଜିଲ, କମ୍ବୋଡିଆ, ମିଶର, ଗୁଏନା, ଚୀନ୍, ହଂକଂ, ଜାପାନ, ଜୋର୍ଡାନ, କୁଏତ, ଓମାନ ଓ ପେରୁ ଭଳି ଅନେକ ଦେଶ ରହିଛନ୍ତି । ସେହିପରି ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ନାଇଜେରିଆ, ତାଇୱାନ, ଥାଇଲାଣ୍ଡ ଭଳି ପ୍ରମୁଖ ଦେଶ ମଧ୍ୟ ୟୁଏସଟିଆରର ସ୍କାନରରେ ରହିଛି ।

ସେକ୍ସନ ୩୦୧ ୟୁଏସ ଟ୍ରେଡ୍ ଆକ୍ଟ ୧୯୭୪ର ଏକ ପ୍ରାବଧାନ ଅଟେ । ଏହା ୟୁଏସଟିଆରକୁ ଅନ୍ୟ ଦେଶର ବାଣିଜ୍ୟ ବ୍ୟବସ୍ଥାର ଯାଞ୍ଚ କରିବାକୁ ଅଧିକାର ପ୍ରଦାନ କରିଥାଏ । ଅନ୍ୟ ଦେଶର ଆମେରିକା ସହ ବ୍ୟବସାୟ ୟୁଏସର ନିଜସ୍ୱ ବାଣିଜ୍ୟ କରାବାର ଉପରେ କିଭଳି ପ୍ରଭାବ ପକାଉଛି ଏହା ଦର୍ଶାଇଥାଏ । ଯଦି ଯାଞ୍ଚରେ ଅନ୍ୟ ଦେଶର କୌଣସି ପଦକ୍ଷେପ ଆମେରିକାର ହିତ ପ୍ରତି ବିପଦ ସୃଷ୍ଟି କରେ ତେବେ ୟୁଏସ ପ୍ରଶାସନ ସେହି ଦେଶ ବିରୋଧରେ କୌଣସି ପଦକ୍ଷେପ ବାବଦରେ ବିଚାର କରିପାରିବ । କୌଣସି ଚଞ୍ଚକତା କିମ୍ବା ଆମେରିକାର ହିତ ଉପରେ ଆଞ୍ଚ ଆସିଲେ ଉଚ୍ଚା ଟାରିଫ୍ ଲଗାଇବା ସହ ଅନ୍ୟ କଟକଣା ଲଗାଇବା ଭଳି ପଦକ୍ଷେପ ୟୁଏସଟିଆର ଗ୍ରହଣ କରିଥାଏ ।

## ୩ ମାସ ପରେ ହେବ ଖାମେନିଙ୍କ ଅନ୍ତିମ ସଂସ୍କାର, ସହରରେ ବୁଲିବ ମରଶରୀର, ଆୟାତୋଲ୍ଲାଙ୍କୁ ଦେଖିବାକୁ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼

ତେହେରାନ: ଦୀର୍ଘ ୩ ମାସ ପରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ଅନ୍ତିମ ସଂସ୍କାର ଇରାନରେ ହେବାକୁ ଯାଉଛି। ସରକାର ତିନି ଦିନିଆ ରାଷ୍ଟ୍ରିୟ ଶୋକ ଘୋଷଣା କରିଛନ୍ତି। ଏହି ସୂଚନା ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ହୋଇଛି। ତେହେରାନର ଡେପୁଟି ମେୟର ମହମ୍ମଦ ଅମିନ ତାଭାକୋଲି-ଜାଦେହ ଏହି ଖବରକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଅନେକ ପ୍ରମୁଖ ସହରରେ ଶୋକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆମେରିକା-ଇସ୍ରାଏଲ ଯୁଦ୍ଧର ପ୍ରଥମ ଦିନରେ ଖାମେନିଙ୍କ ମୃତ୍ୟୁ ହୋଇଥିଲା। ଇରାନୀ ଗଣମାଧ୍ୟମ ଓଜଓଇ ଅନୁଯାୟୀ, ଏହି ଶୋଭାଯାତ୍ରା ରାଜଧାନୀ ତେହେରାନ ସହିତ କୋମ ଏବଂ ମାଶହାଦରେ ଅନୁଷ୍ଠିତ ହେବ। ତିନୋଟି ସ୍ଥାନରେ ବଡ଼ ଧରଣର ସାର୍ବଜନୀନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। କେବଳ ତେହେରାନରେ ସମାରୋହ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଚାଲିବ ବୋଲି ଆଶା କରାଯାଉଛି। ତେହେରାନ ପ୍ରଶାସନ ବର୍ତ୍ତମାନ ପ୍ରସ୍ତୁତିରେ ନିୟୋଜିତ ଅଛି। ଅଧିକାରୀମାନେ ଆକଳନ କରୁଛନ୍ତି ଯେ ତେହେରାନରେ ପ୍ରାୟ ୨୦ ମିଲିୟନ ଲୋକ ଏକାଠି ହୋଇପାରିବେ। ଏତେ ବିଶାଳ ଭିଡ଼କୁ ପରିଚାଳନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରୁଛି ପ୍ରଶାସନ। ଖାମେନିଙ୍କ ମୃତ୍ୟୁର କିଛି ମାସ ପରେ ଏହି ଘୋଷଣା ଆସିଛି। ଇସଲାମିକ ପରମ୍ପରା ଅନୁସାରେ, କବର ସଂସ୍କାର ସାଧାରଣତଃ ତୁରନ୍ତ କରାଯାଏ। ଇରାନ କର୍ତ୍ତୃପକ୍ଷ ଏହି ସମାରୋହକୁ ଦୀର୍ଘ ସମୟ ପାଇଁ ସ୍ଥଗିତ ରଖିଥିଲେ। ତାଙ୍କ ବାସଭବନ ଉପରେ ଆକ୍ରମଣ ପରେ ଫେବୃଆରୀ ୨୮ ତାରିଖରେ ଖାମେନିଙ୍କ ମୃତ୍ୟୁ ହୋଇଥିଲା। ମାର୍ଚ୍ଚ ଆରମ୍ଭରେ ପ୍ରଶାସନ କହିଛି ଯେ ପ୍ରବଳ ଭିଡ଼ ଯୋଗୁଁ ତୁରନ୍ତ ଅନ୍ତିମ ସଂସ୍କାର ସମ୍ଭବ ନୁହେଁ। ଏହି ସମାରୋହ ଜୁନ୍ ମଧ୍ୟଭାଗରେ ଅନୁଷ୍ଠିତ ହେବ। ତଥାପି, ଏକ ନିର୍ଣ୍ଣାୟକ ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ମୃତ୍ୟୁ ବେଳକୁ ଆୟାତୋଲ୍ଲା ଅଲି ଖାମେନିଙ୍କ ବୟସ ୮୬ ବର୍ଷ ଥିଲା। ତାଙ୍କ ଗୃହ କାର୍ଯ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ସେ ପ୍ରାଣ ହରାଇଥିଲେ। ଇରାନ ଉପରେ ତାଙ୍କର ଶାସନ ୩୦ ବର୍ଷରୁ ଅଧିକ ସମୟ ଧରି ଚାଲିଥିଲା ସେ ଦେଶର ସବୁଠାରୁ ଶକ୍ତିଶାଳୀ ନେତା ଥିଲେ। ଖାମେନିଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଆୟାତୋଲ୍ଲା ମୋଜତାବା ଖାମେନିଙ୍କୁ ବର୍ତ୍ତମାନ ନୂତନ ସର୍ବୋଚ୍ଚ ନେତା ଭାବରେ ମନୋନୀତ କରାଯାଇଛି। ତଥାପି, ସେ ପଦ ଗ୍ରହଣ କରିବା ପରଠାରୁ ସାର୍ବଜନୀନ ଭାବରେ ଦେଖାଯାଇନାହାଁନ୍ତି।

## ମାଡ଼ି ଆସୁଛି ସୁପର ଏଲନିନୋ; ମରୁଡ଼ି, ବନ୍ୟା ଓ ତାତିର ତାଣ୍ଡବ ରଚିବ ! ଆଗାମୀ ୩ ମାସରେ ଘଟିବ ବିପର୍ଯ୍ୟୟ

ନୂଆଦିଲ୍ଲୀ :ଏଲନିନୋ ନୁହେଁ ମାଡି ଆସୁଛି ସୁପର ଏଲନିନୋ ।ସାରା ବିଶ୍ୱରେ କିଛି ମାସରେ ଦେଖାଦେଇପାରେ ଭୟଙ୍କର ପ୍ରାକୃତିକ ବିପଦ । ଏନେଇ ବିଶ୍ୱକୁ ସତର୍କ କରାଇଛି ବିଶ୍ୱ ପାଣିପାଗ ସଂସ୍ଥାନ। ଏକ ଶକ୍ତିଶାଳୀ ଏଲ ନିନୋ ସାରା ବିଶ୍ୱର ପାଣିପାଗ ଚକ୍ରକୁ ଗଡ଼ବଡ଼ କରିପାରେ ବୋଲି ସତର୍କ କରାଇ ଦେଇଛି ବିଶ୍ୱ ପାଣିପାଗ ସଂଗଠନ, ଡଗଙ ।ସାରା ଦୁନିଆରେ ଆଗାମୀ କିଛି ଦିନ ଭିତରେ ସୁପର ଏଲନିନୋ ପ୍ରଭାବ ଦେଖାଦେଇପାରେ। ୧୮୭୭ରେ ଆସିଥିବା ବିନାଶକାରୀ ଏଲନିନୋ ଭଳି ଏହା ପ୍ରଭାବିତ କରିପାରେ। କହିଛି ଯେ ଏହି ବର୍ଷ ସାରା ବିଶ୍ୱରେ ଅତି ଖରାପ ପାଗ ଅନୁଭୂତ ହେବ। ଜଳବାୟୁ ପରିବର୍ତ୍ତନକୁ ଗୁରୁତର କରିପାରେ ଏହି ଶକ୍ତିଶାଳୀ ଏଲନିନୋ ।ବିଶ୍ୱର ଏକାଧିକ ବଡ଼ ଅଂଶରେ ମରୁଡ଼ି ଭଳି ସ୍ଥିତି ସୃଷ୍ଟି ହୋଇପାରେ। ଏହାଦ୍ୱାରା ଭାରତ ବି ଅନେକ ପରିମାଣରେ



ପ୍ରଭାବିତ ହୋଇପାରେ। ଏହା ପ୍ରଭାବରେ ଆଗାମୀ ସପ୍ତାହ ଭାରତ ଉପରେ ବି ଏହାର ପ୍ରଭାବ ପଡ଼ିପାରେ। ବିଶ୍ୱର ଅନେକ ସ୍ଥାନରେ ଗ୍ରୀଷ୍ମ ଲହରୀ, ବନ୍ୟା ଏବଂ ମରୁଡ଼ି ଆସିପାରେ, ତେଣୁ ଭାରତ ଉପରେ ଏହାର କି ପ୍ରଭାବ ପଡ଼ିବ ତାକୁ ନେଇ ଆକଳନ ଚାଲିଛି। ବିଶ୍ୱ ପାଣିପାଗ ସଂଗଠନ କହିଛି ଯେ ଜୁନ୍ ଏବଂ ଅଗଷ୍ଟ ମଧ୍ୟରେ ଏଲ ନିନୋ ସୃଷ୍ଟି ହେବା ନେଇ ୮୦ ପ୍ରତିଶତ ସମ୍ଭାବନା ରହିଛି। ଏହା ଅତି କମରେ ନଭେମ୍ବର ପର୍ଯ୍ୟନ୍ତ ଜାରି ରହିପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ବର୍ଷ ଏକ ଶକ୍ତିଶାଳୀ ଏଲ୍ ନିନୋ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହା କିଛି ସ୍ଥାନରେ ଫ୍ଲାସ୍ ଫ୍ଲଡ କିମ୍ବା କିଛି ସ୍ଥାନରେ ମରୁଡ଼ି ସ୍ଥିତି ସୃଷ୍ଟି କରିପାରେ। ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିପାରେ। ଏହା ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହକୁ ଦୁର୍ବଳ କରିପାରେ। ତେଣୁ ଜୁନରୁ ସେପ୍ଟେମ୍ବର ମଧ୍ୟରେ ହେଉଥିବା ବୃଷ୍ଟିପାତରେ ହ୍ରାସ ଘଟିପାରେ। ଭାରତ ସହ ସାରା ବିଶ୍ୱରେ ୩ ମାସ ପାଇଁ ମରୁଡି ସ୍ଥିତି ଦେଖାଦେଇପାରେ। ଏହାର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି।

## ଘମାଘୋଟ ଲଢେଇ, ୟୁଏସ ସେନା ବେସ୍ ଉପରେ ଆକ୍ରମଣ, ଇରାନର ଦ୍ୱୀପରେ ଆମେରିକାର ଏୟାର ଷ୍ଟ୍ରାଇକ୍

ନୂଆଦିଲ୍ଲୀ, ୦୩/୦୬: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଥମିବାର ନା ନେଉନାହିଁ । ଶାନ୍ତି ଆଲୋଚନା ବିଫଳ ହେଲା ପରେ ମୁହାଁମୁହିଁ ହୋଇଛନ୍ତି ଆମେରିକା ଏବଂ ଇରାନ । ଏହା ମଧ୍ୟରେ ଆମେରିକାର ଅନେକ ସୈନ୍ୟ ବେସ୍ ଉପରେ ଇରାନ ଆକ୍ରମଣ କରିଛି । ବାଲିଷ୍ଟିକ୍ ମିସାଇଲରେ ଏହି ଆକ୍ରମଣ କରାଯାଇଛି । ଏହାର ଜବାବରେ ଆମେରିକା ମଧ୍ୟ ଇରାନର କକେସମ୍ ଦ୍ୱୀପ ନିକଟରେ ଏୟାର ଷ୍ଟ୍ରାଇକ୍ କରିଛି ।



ଆମେରିକା ସେଣ୍ଟ୍ରାଲ କମାଣ୍ଡର ବୟାନ ଅନୁସାରେ, ଇରାନ ନିଜର ପଡୋଶୀ ଦେଶକୁ ଟାର୍ଗେଟ୍ କରି ଅନେକ ମିସାଇଲ ଆକ୍ରମଣ କରିଛି । ତେବେ ଇରାନର ଏହି ଆକ୍ରମଣକୁ ଆମେରିକା ଫେଲ୍ କରିଦେଇଛି । ଅନେକ ମିସାଇଲ ଟାର୍ଗେଟ୍ କୁ ଭେଦ କରିବାରେ ବିଫଳ ହୋଇଛନ୍ତି । ଆହୁରି ମଧ୍ୟ ଦାବି ହୋଇଛି ଯେ, କୁଏତ ଉପରେ ଆକ୍ରମଣ କରାଯାଇଥିବା ମିସାଇଲକୁ ଇଣ୍ଟରସେପ୍ଟ୍ କରାଯାଇଛି । ଫଳରେ ଏହା ଲକ୍ଷ୍ୟ ଭେଦ କରିନାହିଁ । ସେହିପରି ତେହେରାନ ଉପରେ ଇରାନ ପକ୍ଷରୁ ତିନୋଟି ମିସାଇଲ ଆକ୍ରମଣ କରାଯାଇଥିଲା । ଯାହାକୁ ଆମେରିକା ଏବଂ ବାହାରିନର ଏୟାର ଡିଫେନ୍ସ ସିଷ୍ଟମ ଆକାମୀ କରିଦେଇଛନ୍ତି । ଆମେରିକୀୟ ସେନା ଇରାନର ଅନେକ ଡ୍ରୋନକୁ ଖସାଇ ଦେଇଛନ୍ତି । ଏହି ଡ୍ରୋନ୍ ସମୁଦ୍ରରେ ସାଧାରଣ ପରିବହନ କରୁଥିବା ଜାହାଜକୁ ଟାର୍ଗେଟ୍ କରିଥାନ୍ତା । ଏପରିକି ଇରାନ ଉପରେ ପ୍ରତି ଜବାବ ଦେବାକୁ ଯାଇ ଇରାନର କେସମ୍ ଦ୍ୱୀପରେ ଥିବା ଇରାନ୍ କଣ୍ଟ୍ରୋଲ୍ ଷ୍ଟେସନ ଉପରେ ୟୁଏସ ପକ୍ଷରୁ ଆକ୍ରମଣ କରାଯାଇଛି ।

ଆକ୍ରମଣକୁ ନେଇ ଇରାନ କହିଛି ଯେ, ଆମେରିକୀୟ ସେନା ଦକ୍ଷିଣ କେସମ୍ ଦ୍ୱୀପରେ ଥିବା ଏକ ଟାୱାରକୁ ଟାର୍ଗେଟ୍ କରିଛି । ଯାହାର ଭୟଙ୍କର ଜବାବ ଦିଆଯିବ । ଆଜି ରାତିରେ ହିଁ ଇରାନ ନିଜର ପ୍ରତିଶୋଧ ନେବ ବୋଲି ଆଇଆରଜିସି ଦାବି କରିଛି ।

## ଯାତ୍ରୀ ଭର୍ତ୍ତି ବସରେ ଭୟଙ୍କର ଅଗ୍ନିକାଣ୍ଡ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡର ହରିଦ୍ୱାରରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଛି । ଏକ ଯାତ୍ରୀ ଭର୍ତ୍ତି ବସରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଏଭଳି ଘଟଣା ଗତକାଲି ରାତିରେ ଦେଖିବାକୁ ମିଳିଛି । ସୌଭାଗ୍ୟବଶତଃ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୂଚନାନୁଯାୟୀ, ହରିଦ୍ୱାରର ବାହାଦ୍ରବାଦ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି ।ଏକ ପେଟ୍ରୋଲ ପମ୍ପ ନିକଟରେ ଯାତ୍ରୀ ଭର୍ତ୍ତି ଏକ ବସରେ ହଠାତ୍ ନିଆଁ ଲାଗିଯାଇଥିଲା । ବସଟି ଗତକାଲି ବିଳମ୍ବିତ ରାତିରେ ଋଷିକେଶରୁ ଜୟପୁର ଅଭିମୁଖେ ଯାତ୍ରା କରୁଥିଲା । ଏହାରି ମଧ୍ୟରେ ବାହାଦ୍ରବାଦ ଥାନା ଅଞ୍ଚଳରେ ବସର ଇଞ୍ଜିନରେ ସ୍ପାର୍କିଂ ହୋଇ ଧୂଆଁ ଉଠିବାକୁ ଲାଗିଥିଲା । ଫଳରେ ଯାତ୍ରୀମାନେ ତୁରନ୍ତ ବସରୁ ଓହ୍ଲାଇ ପଡ଼ିଥିଲେ । ଧୂଆଁ ଉଠିବାର କିଛି ସମୟ ମଧ୍ୟରେ ବସରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବାହାଦୁରଗଡ଼ ପୋଲିସ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ । ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବାହାର କରି ଏକ ବଡ଼ ଦୁର୍ଘଟଣାକୁ ଏଡାଇ ଦେବା ସମ୍ଭବ ଥିଲା । ଅନ୍ୟପଟେ ଅଗ୍ନିକାଣ୍ଡରେ ସମସ୍ତ ଯାତ୍ରୀଙ୍କ ଜିନିଷପତ୍ର ନଷ୍ଟ ହୋଇଯାଇଥିଲା। ବସ୍‌ରେ କିଛି ବିଦେଶୀ ପର୍ଯ୍ୟଟକ ମଧ୍ୟ ଥିଲେ।

## ରେଷ୍ଟୁରାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ: ଜୀଅନ୍ତା ଜଳିଗଲେ ୨୦, ବଞ୍ଚିବା ପାଇଁ ଛାତରୁ ଡେଇଁଲେ

ନୂଆଦିଲ୍ଲୀ: ଦିଲ୍ଲୀର ମାଳବ୍ୟ ନଗରରେ ଥିବା ରେଷ୍ଟୁରାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁ ଲାଗି ୨୦ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏକାଧିକ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ରେଷ୍ଟୁରାଣ୍ଟଟି ବିଲ୍ଡିଂର ବେସମେଣ୍ଟରେ ଚାଲୁଥିଲା। ନିଆଁ ଲାଗିବା ପରେ ପୁରା ବିଲ୍ଡିଂ ଦ୍ରୁତ ଗତିରେ ବ୍ୟାପିଗଲା। ଅଗ୍ନିକାଣ୍ଡର ଭୟଙ୍କର ତୀବ୍ରତା ଦେଖି, ଅନେକ ଲୋକ ନିଜ ଜୀବନ ବଞ୍ଚାଇବା ପାଇଁ କୋଠାରୁ ଡେଇଁ ପଡ଼ିଥିଲେ।

ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ ସକାଳ ୮:୫୦ ରେ ଅଗ୍ନିକାଣ୍ଡର ଖବର ମିଳିଥିଲା। ଘଟଣାସ୍ଥଳରେ ୧୦ଟି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବାହିନୀ ଦଳ ବେସମେଣ୍ଟରେ ଫସି ରହିଥିବା ତିନି ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ନେହେରୁ ପ୍ଲେସ୍ ଫାୟାର ଷ୍ଟେସନର ଡିଭିଜନାଲ୍ ଅଫିସର (ଡଙ) ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ବ୍ୟକ୍ତିଗତ ଭାବରେ କାର୍ଯ୍ୟ ତଦାରଖ କରୁଛନ୍ତି। ଦିଲ୍ଲୀ ଅଗ୍ନିଶମ ସେବା କହିଛି ଯେ ନିଆଁକୁ ନିୟନ୍ତ୍ରଣ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଅଧିକାରୀଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ଅତି କମରେ ତିନି ଜଣଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଛି। ନିଆଁରେ ଫସିଯିବା ପରେ ୨୦ ଜଣ ପୋଡ଼ି ଯାଇଛନ୍ତି। ରେଷ୍ଟୁରାଣ୍ଟରେ ଲଜ୍ ବ୍ୟବସ୍ଥା ଥିବାରୁ ୨୫ଟି ରୁମ୍ ଥିଲା। ଅଗ୍ନିକାଣ୍ଡ ବେଳେ ପାଖାପାଖି ୪୦ ଜଣ ଏହି ଲଜରେ ଥିଲେ। କିଛି ବିଦେଶୀ ନାଗରିକ ରହିଥିଲେ। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ଦିଲ୍ଲୀ ଟ୍ରାଜେଡିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୃତକ ପରିବାର ପାଇଁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରାଯାଇଛି।

## ଟିଏମସିରେ ବିଦ୍ରୋହ, ହାରିବା ପରେ ଘାରିଲା ଭାଙ୍ଗିବା ଭୟ

ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସରେ ବଡ ଧରଣର ବିସ୍ଫୋରଣ । ଦଳର ୬୦ ବିଦ୍ରୋହୀ ବିଧାୟକଙ୍କୁ ସ୍ୱୀକୃତି ଦେଇଛନ୍ତି ପଶ୍ଚିମବଙ୍ଗ ବିଧାନସଭାର ବାଚସ୍ପତି । ଟିଏମସିରୁ ନିଲମ୍ବିତ ବିଧାୟକ ରିତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ମିଳିଛି । ଆଜି ରିତବ୍ରତଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସର ୫୯ ବିଧାୟକ ବିଧାନସଭାରେ ପହଞ୍ଚି ନିଜକୁ ଅସଲି ଟିଏମସି ବୋଲି ଦାବି କରିଛନ୍ତି । ତେବେ ବିଦ୍ରୋହୀ ବିଧାୟକମାନେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ନିଜ ନେତା ବୋଲି କହୁଥିବା ବେଳେ ଅଭିଷେକ ବାନାର୍ଜୀଙ୍କ ପତିଆରାକୁ ବିରୋଧ କରୁଛନ୍ତି । ସେପଟେ ସ୍ଥିତି ସମ୍ଭାଳିବା ପାଇଁ ତୃଣମୂଳ କଂଗ୍ରେସ ନିଜର ସମସ୍ତ ଛାମୁଆ ସଂଗଠନକୁ ଭଙ୍ଗ କରିଛି । ହାରିବା ପରେ ଘାରିଲା ଭାଙ୍ଗିବା ଭୟ । ତୃଣମୂଳ କଂଗ୍ରେସରେ କମ୍ପନ । ସୁପ୍ରିମୋ ମମତା ବାନାର୍ଜୀଙ୍କୁ ବିଦ୍ରୋହୀ ବିଧାୟକଙ୍କ ଚ୍ୟାଲେଞ୍ଜ । ମୁଖ୍ୟ ବିରୋଧୀ ଦଳ ମାନ୍ୟତା ଓ ବିରୋଧୀ ଦଳ ନେତା ପଦ ପାଇଛନ୍ତି ଟିଏମସିର ୫୯ ବିଦ୍ରୋହୀ ବିଧାୟକ । ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସରେ ବିସ୍ଫୋରଣ ହୋଇଛି । ଦଳର ଆଭ୍ୟନ୍ତରୀଣ ବିବାଦ ଆଜି ପଶ୍ଚିମବଙ୍ଗ ବିଧାସନଭାରେ ପହଞ୍ଚିଛି । ଟିଏମସିର ୫୯ ବିଦ୍ରୋହୀ ବିଧାୟକ ବିଧାନସଭାରେ ପହଞ୍ଚି ନିଜକୁ ଅସଲି ଟିଏମସି ଏବଂ ଗୃହର ମୁଖ୍ୟ ବିରୋଧୀ ଦଳ ଭାବେ ଘୋଷଣା କରିବାକୁ ଦାବି କରିଥିଲେ।



# ଜାପାନରେ ବେଆଇନ ମସଜିଦ ତିଆରି କଲା ପାକିସ୍ତାନ ଭାଙ୍ଗିବାକୁ ପ୍ରସ୍ତୁତ ହେଲାଣି ସ୍ଥାନୀୟ ପ୍ରଶାସନ

ନୂଆଦିଲ୍ଲୀ : ଯେତେ ଯାହା ହେଲେ ବି ସୁଧୁରୁନି ପାକିସ୍ତାନ । ଦେଶକୁ ବାରମ୍ବାର ଅପ୍ରୀତିକର ପରିସ୍ଥିତିରେ ପକାଉଛି । ଅନ୍ତର୍ଜାତୀୟ ସ୍ତରରେ ବଦନାମ ମୁଣ୍ଡାଉଛି ଭାରତର ଏହି ପଡୋଶୀ ଦେଶ । ଏବେ ଜାପାନରେ ଏପରି କିଛି ଇସଲାମାବାଦ୍ କରିଛି, ଯାହା ପାକିସ୍ତାନୀଙ୍କ ମୁଣ୍ଡ ତଳକୁ କରି ଦେଇଛି । ପାକିସ୍ତାନ ଜାପାନର ସୈତାମା ରାଜ୍ୟର କାବାଗୋଏ ସହରରେ ଏକ ମସଜିଦ ନିର୍ମାଣ କରି ବିବାଦରେ ଫସିଛି । ଏଠାରେ କିଛି ପାକିସ୍ତାନୀ ମସଜିଦ ନିର୍ମାଣ ଆରମ୍ଭ କରିଥିଲେ । ନିର୍ମାଣ ବେଳେ ଜାପାନରେ ଅବସ୍ଥାପିତ ପାକ୍ ରାଷ୍ଟ୍ରଦୂତ ଅବ୍ଦୁଲ ହମିଦ ମଧ୍ୟ ଉପସ୍ଥିତ ଥିଲେ । କିନ୍ତୁ ଏବେ ଏହି ମସଜିଦକୁ ଜାପାନ ସରକାର ଭାଙ୍ଗିବାକୁ ଯାଉଛନ୍ତି । ଏହାକୁ ବିନା ଅନୁମତିରେ ତିଆରି କରାଯାଇଥିବା ସ୍ଥାନୀୟ ପ୍ରଶାସନ କହିଛି । କୋବାଗୋଏ ପ୍ରଶାସନ କହିଛି ଯେ,



ଯେଉଁଠି ମସଜିଦ ନିର୍ମାଣ କରାଯାଇଛି ତାହା ସହର ବିକାଶ ନିୟନ୍ତ୍ରଣ ପରିସୀମା ମଧ୍ୟରେ ଆସୁଛି । ଏସବୁ ଅଞ୍ଚଳରେ କୌଣସି ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକତା ରହିଛି । ବିନା ଅନୁମତିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ବେଆଇନ ଅଟେ । ପ୍ରଶାସନ ଆହୁରି କହିଛି ଯେ, ପାକିସ୍ତାନୀମାନେ ନିୟମ କାନୁନ ମାନି ନାହାଁନ୍ତି । ମନଇଚ୍ଛା ଅନୁମତି ନନେଇ ନିର୍ମାଣ କରିଛନ୍ତି । ଯାହା ଆଦୌ ଠିକ୍ ନୁହେଁ । ଯେଉଁମାନେ ଏହି ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଛନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ମସଜିଦକୁ ଭାଙ୍ଗିବା ପାଇଁ ଦାବି ହେଉଛି । ଯାହା ଉପରେ ବିଚାର କରାଯାଉଛି । ଏହି ବିବାଦ ପାକିସ୍ତାନ ଦୂତାବାସ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି । ମାମଲା ସାମ୍ନାକୁ ଆସିବା ପରେ ମସଜିଦ ନିର୍ମାଣରେ କୌଣସି ଭୂମିକା ନଥିବା ଦୂତାବାସ ପକ୍ଷରୁ କୁହାଯାଇଛି । ଏପରିକି ଏବାବଦରେ ସେମାନେ କିଛି ଜାଣି ନଥିବା ପ୍ରକାଶ କରିଛନ୍ତି । ଏହାପୂର୍ବରୁ ଜୁନ ୧ ତାରିଖରେ ପାକ୍ ଦୂତାବାସ ଜାପାନରେ ରହୁଥିବା ନାଗରିକଙ୍କୁ ନିୟମ କାନୁନ ମାନିବାକୁ ପରାମର୍ଶ ଦେଇଥିଲା । ଧାର୍ମିକ ସ୍ଥଳୀ ନିର୍ମାଣ ସମୟରେ ଅଧିକ ସଚେତନ ରହିବା ପାଇଁ କୁହାଯାଇଥିଲା । ସ୍ଥାନୀୟ ପ୍ରଶାସନ ଠାରୁ ଆବଶ୍ୟକୀୟ ଅନୁମତି ବିନା କୌଣସି କାର୍ଯ୍ୟ ନକରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା ।

# କ୍ୱଇନ୍ସ କ୍ଲବ୍‌ରେ ଲେଉଟିବେ ଟେନିସ୍ କୁଇନ୍




ନ୍ୟୁୟର୍କ,୩।୬: ବୟସ ୪୪, ଦୁଇ ସନ୍ତାନର ମା', ୪ ବର୍ଷ ହେବ ଖେଳିନାହାନ୍ତି କିନ୍ତୁ ପ୍ରତ୍ୟାବର୍ତନ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ଆଉ କେହି ନୁହଁନ୍ତି ଟେନିସ୍ ଦୁନିଆର ମହାନ ମହିଳା ଖେଳାଳି ସେରେନା ୱିଲିୟମ୍ସ। ଚଳିତ ମାସର କୁଇନ୍ସ କ୍ଲବ୍ ପ୍ରତିଯୋଗିତାରୁ ସେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଘୋଷଣା ବି କରି ଦେଇଛନ୍ତି। ଫଳରେ ସେରେନା ୱିମ୍ବଲଡନ୍ ମଇଦାନକୁ ବି ଫେରିବାର କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। କୁଇନ୍ସ କ୍ଲବ୍ ପ୍ରତିଯୋଗିତା ଲାଗି ଏହି ପୂର୍ବତନ କୁଇନ୍‌ଙ୍କୁ ୱାଇଲ୍ଡ କାର୍ଡ ପ୍ରବେଶ ବି ମିଳିଯାଇଛି। ୨୦୨୨ ୟୁଏସ୍ ଓପନ୍ ପରେ ସେରେନାଙ୍କ ଏହା ପ୍ରଥମ ଡବ୍ଲ୍ୟୁଟିଏ ଟୁର୍ ଆବିର୍ଭାବ ହେବ। ରେକର୍ଡ ୨୩ ଗ୍ରାଣ୍ଡ ସ୍ଲାମ ଟାଇଟଲ୍ ଜିତିଥିବା ସେରେନା ୨୦୧୭ରେ ଶେଷ ଥର ପାଇଁ ସଫଳତା ପାଇଥିଲେ। 'କୁଇନ୍ସ କ୍ଲବ୍ ମୋ ପାଇଁ ପରବର୍ତୀ ଅଧ୍ୟାୟ ଆରମ୍ଭ କରିବାକୁ ଠିକଣା ସ୍ଥାନ। ଏଥି ପାଇଁ ମୁଁ ଉଲ୍ଲସିତ ଓ ଉତ୍ସାହିତ ଅଛି।'' ବୋଲି ସେରେନା ପ୍ରକାଶ କରିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ ସେରେନା କାନାଡାର ୧୯ ବର୍ଷୀୟା ଭିକ୍ଟୋରିଆ ମୋକୋଙ୍କୁ ସାଥି କରି ଯୁଗଳ ବର୍ଗରେ ଖେଳିବେ। କୁଇନ୍ସ କ୍ଲବ୍ ପ୍ରତିଯୋଗିତା ଜୁନ୍ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଅଲ୍ ଇଂଲଣ୍ଡ କ୍ଲବ୍‌ର ଗ୍ରାସ କୋର୍ଟରେ ୱିମ୍ବଲଡନ୍ ଜୁନ ୨୯ ତାରିଖରୁ ଆରମ୍ଭ ହେଉଥିବାରୁ ସେ ଏହାକୁ ଟାର୍ଗେଟ୍ କରିଥିବା ବିଶ୍ୱାସ କରାଯାଉଛି। କାରଣ ଏହି ଗ୍ରାସକୋର୍ଟ ଗ୍ରାଣ୍ଡ ସ୍ଲାମ୍‌ରେ ସେରେନା ୭ ଥର ଏକକ ଟ୍ରଫି ଜିତିଛନ୍ତି।

## ଶୀର୍ଷ ୧୦କୁ ଫେରିଲେ ସିନ୍ଧୁ

ଜାକର୍ତ୍ତା,୩।୬: ଦୁଇ ଅଲିମ୍ପିକ୍ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ତାରକା ପିଭି ସିନ୍ଧୁ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ସୁପର୍ ୧୦୦୦ ପ୍ରତିଯୋଗିତା ଇଣ୍ଡୋନେସିଆ ଓପନ୍‌ର ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ଏହି ବିଜୟ ସହ ସିନ୍ଧୁ ୯୫୪ ଦିନ ପରେ ବିଶ୍ୱ ମହିଳା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ତାଲିକାର ଶୀର୍ଷ ୧୦ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ମହିଳା ଏକକ ମୁକାବିଲାରେ ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଖେଳାଳି ୨୫-୨୩, ୨୧-୧୬ରେ ଥାଇଲାଣ୍ଡର ବୁସାନନ୍ ଓଙ୍ଗବାମ୍‌ରୁଙ୍ଗଫାନ୍‌ଙ୍କୁ ପରାସ୍ତ କରିଥିଲେ।

ଏଥିସହ ବୁସାନନ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ବ୍ୟବଧାନ ୨୧-୦ ହୋଇଛି। ଅନ୍ୟଏକ ମହିଳା ଏକକ ମ୍ୟାଚ୍‌ରେ ଭାରତୀୟ ଖେଳାଳି ମାଳବିକା ବଂଶୁଦ୍ ୧୨-୨୧, ୧୦-୨୧ରେ ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱଙ୍ଗଙ୍କଠୁ ହାରି ବିଦାୟ ନେଇଛନ୍ତି। ପୁରୁଷ ଏକକରେ କିଦାମ୍ବି ଶ୍ରୀକାନ୍ତ ୧୯-୨୧, ୧୫-୨୧ରେ ଜାପାନର ୟୁସି ତାନାକାଙ୍କଠୁ ଏବଂ ଲକ୍ଷ୍ୟ ସେନ୍ ୧୬-୨୧, ୨୧-୧୬ରେ ଇଣ୍ଡୋନେସିଆର ଅଲ୍ୱୀ ଫରହାନଙ୍କଠୁ ହାରିଯାଇଛନ୍ତି। ତେବେ ପୁରୁଷ ଯୁଗଳ ଯୋଡି ହରିହରନ ଅମସାକରୁନାନ୍ ଓ ଏମ୍‌ଆର୍ ଅର୍ଜୁନ ୨୧-୧୮, ୨୧-୧୦ରେ ମାଲେସିଆର ନୁର ମହମ୍ମଦ ଆଜ୍ରିନ୍ ଓ ତାନ ୱି କିଓଙ୍ଗଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

# ୩ କିମ୍ବଦନ୍ତି ଫୁଟ୍‌ବଲର୍‌ଙ୍କ ଶେଷ ବିଶ୍ୱକପ୍ !





ନ୍ୟୁୟର୍କ,୩।୬: ଆମେରିକା, ମେକ୍ସିକୋ ଓ କାନାଡାରେ ହେବାକୁ ଥିବା ଆଗାମୀ ଫିଫା ବିଶ୍ୱକପ୍ ବିଶ୍ୱର ପ୍ରାୟ ୧୩ କିଂବଦନ୍ତି ଖେଳାଳିଙ୍କ ଶେଷ ବିଶ୍ୱକପ୍ ହୋଇପାରେ। ଏମାନଙ୍କ ମଧ୍ୟରୁ କେତେକ ଏକାଧିକ ବିଶ୍ୱକପ୍ ଖେଳିବା ସହ ନିଜ ନିଜ ଜାତୀୟ ଦଳର ନେତୃତ୍ୱ କରିଛନ୍ତି। କେତେକ ବିଶ୍ୱକପ୍ ଜିତିବାରେ ସଫଳ ମଧ୍ୟ ହୋଇଛନ୍ତି ଓ ଆଉ କେତେକଙ୍କ ପାଇଁ ଏହି ସ୍ୱପ୍ନ ଏବେ ବି ଅଧୁରା ରହିଛି।

ଏହି ତାଲିକାର ଶୀର୍ଷରେ ରହିଛନ୍ତି ଆର୍ଜେଣ୍ଟିନା ତାରକା ଲିଓନେଲ୍ ମେସି। ୩୯ ବର୍ଷରେ ପଦାର୍ପଣ କରିସାରିଥିବା ମେସିଙ୍କର ଏହା ହେବ ଷଷ୍ଠ ବିଶ୍ୱକପ୍। ୨୦୨୨ କତର ବିଶ୍ୱକପ୍ ବିଜୟୀ ହେବା ସହ ସେ ନିଜ କ୍ୟାରିୟର୍‌ର ସର୍ବୋଚ୍ଚ ସଫଳତା ହାସଲ କରିସାରିଛନ୍ତି। ଆସନ୍ତା ୨୦୩୦ ବିଶ୍ୱକପ୍ ବେଳକୁ ତାଙ୍କୁ ୪୩ ବର୍ଷ ହୋଇଥିବ ଓ ସେ ଖେଳିବା ସମ୍ଭାବନା କମ୍। ଏଣୁ ଚଳିତ ଥରର ବିଶ୍ୱକପ୍ ବିଶ୍ୱ ଫୁଟ୍‌ବଲ୍‌ର ଅନ୍ୟତମ ମହାନ ଖେଳାଳିଙ୍କ ଶେଷ ବିଶ୍ୱକପ୍ ହୋଇପାରେ।

ମେସିଙ୍କ ପରି ଆଉ ଜଣେ ଲୋକପ୍ରିୟ ଫୁଟ୍‌ବଲର୍ ହେଲେ କ୍ରିଷ୍ଟିଆନୋ ରୋନାଲ୍‌ଡୋ। ୪୧ ବର୍ଷରେ ପଦାର୍ପଣ କରିଥିବା ରୋନାଲ୍‌ଡୋଙ୍କର ମଧ୍ୟ ଏହା ଷଷ୍ଠ ବିଶ୍ୱକପ୍। କିନ୍ତୁ ମେସିଙ୍କ ପରି ତାଙ୍କର ବିଶ୍ୱ ବିଜୟ ସ୍ୱପ୍ନ ସାକାର ହୋଇନାହିଁ। ଆସନ୍ତା ବିଶ୍ୱକପ୍ ବେଳକୁ ତାଙ୍କୁ ୪୫ ବର୍ଷ ହୋଇଥିବ, ଏଣୁ ଏଥରର ବିଶ୍ୱକପ୍ ତାଙ୍କର ଶେଷ ବିଶ୍ୱକପ୍ ହୋଇପାରେ। ଏଥରର ବିଶ୍ୱକପ୍ ଜିତି ସେ ନିଜ କ୍ୟାରିୟରର ଅଧୁରା ସ୍ୱପ୍ନ ପୂରଣ କରିବାକୁ ଉଦ୍ୟମ କରିବେ।

ଜର୍ମାନୀର ମାନୁଏଲ୍ ନେଉର୍‌ଙ୍କୁ ବିଶ୍ୱ ଫୁଟ୍‌ବଲ୍‌ର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଗୋଲ୍ କିପର୍‌ର ମାନ୍ୟତା ପ୍ରଦାନ କରାଯାଇଥାଏ। ପୂର୍ବରୁ ଅବସର ନେଇ ପୁଣି ଫେରିଥିବା ନେଉର୍‌ଙ୍କର ଏହା ପଞ୍ଚମ ବିଶ୍ୱକପ୍। ୨୦୧୪ରେ ତାଙ୍କର ବିଶ୍ୱକପ୍ ସ୍ୱପ୍ନ ସାକାର ହୋଇସାରିଛି ଓ ସେହି ବିଶ୍ୱକପ୍‌ରେ ସେ ଗୋଲ୍‌ଡେନ୍ ଗ୍ଲୋଭ୍ ପୁରସ୍କାର ମଧ୍ୟ ପାଇଥିଲେ। ୪୦ ବର୍ଷୀୟର ନେଉର୍‌ଙ୍କର ଏହା ଶେଷ ବିଶ୍ୱକପ୍ ହୋଇପାରେ।

ବ୍ରାଜିଲ୍‌ର ନେମାର୍ ଜୁନିଅର୍‌ଙ୍କର ବୟସ ୩୪ ବର୍ଷ ହୋଇଥିଲେ ବି ସେ ପୂର୍ବରୁ ଏକାଧିକ ଥର ସଂକେତ ଦେଇସାରିଛନ୍ତି ଯେ ଏହା ତାଙ୍କର ଶେଷ ବିଶ୍ୱକପ୍ ହେବ। ଏମାନଙ୍କ ବ୍ୟତୀତ ଇଜିପ୍ଟର ମହମ୍ମଦ ସାଲା, ମେକ୍ସିକୋର ଗୁଲେର୍ମ ଓଛା, ଆର୍ଜେଣ୍ଟିନାର ନିକୋଲାସ ଓଟାମେଣ୍ଡି, ବ୍ରାଜିଲ୍‌ର କାସେମିରୋ, ନେଦରଲାଣ୍ଡସ୍‌ର ଭିଜିଲ୍ ଭାନ୍ ଡିଜିକ୍, କଲମ୍ବିଆର ଜେମ୍ସ ରଡ୍ରିଗ୍ସ, ଦକ୍ଷିଣ କୋରିଆର ସୋଙ୍ଗ୍ ହ୍ୟୁଙ୍ଗ ମିନ୍, ବୋସନିଆ ହର୍ଜଗୋଭିନାର ଏଡିନ୍ ଡିଜେକୋ ଆଦି ଲୋକପ୍ରିୟ ଖେଳାଳିଙ୍କର ଏହା ଶେଷ ବିଶ୍ୱକପ୍ ହୋଇପାରେ।

# ନରୱେ ଚେସ୍: ଗୁକେଶ, ପ୍ରଜ୍ଞାନନ୍ଦା ଭାରତ ଆଶା ବଢ଼ାଇଲେ

ଓସଲୋ,୩।୬: ଚଳିତ ମର୍ଯ୍ୟାଦାଜନକ ନରୱେ ଚେସ୍ ପ୍ରତିଯୋଗିତାରେ ଗୁରୁତ୍ୱପୂର୍ଣ୍ଣ ବିଜୟ ସହିତ ଦୁଇ ଭାରତୀୟ ଗ୍ରାଣ୍ଡମାଷ୍ଟର୍ ଡି ଗୁକେଶ ଓ ଆର୍ ପ୍ରଜ୍ଞାନନ୍ଦା ଭାରତୀୟଙ୍କ ଆଶାରେ ନୂଆ ଜୀବନ ଭରିଛନ୍ତି। ଗୁକେଶ ଅର୍ମାଗେଡନ୍ ଟାଇବ୍ରେକ୍‌ରରେ ଆମେରିକୀୟ ଗ୍ରାଣ୍ଡମାଷ୍ଟର୍ ୱେସଲି ସୋ'ଙ୍କୁ ହରାଇ ୧.୫ ପଏଣ୍ଟ ପକେଟସ୍ଥ କରିଥିବାବେଳେ ପ୍ରଜ୍ଞାନନ୍ଦା କ୍ଲାସିକାଲ୍ ଗେମ୍‌ରେ ଫ୍ରାନ୍ସର ଆଲିରେଜା ଫିରୋଜାଙ୍କୁ ମାତ୍ ଦେଇ ସମ୍ପୂର୍ଣ୍ଣ ୩ ପଏଣ୍ଟ୍ ଛଡାଇଛନ୍ତି। ମୋଟ ଉପରେ କିନ୍ତୁ ୱେସଲି (୧୨.୫) ଏବଂ ଆଲିରେଜା ଫିରୋଜା (୧୦) ଅଗ୍ରଣୀ ରହିଛନ୍ତି। ୯ ପଏଣ୍ଟ୍ ସହ ପ୍ରଜ୍ଞାନନ୍ଦା



ପଞ୍ଚମରେ ଏବଂ ଗୁକେଶ ଷଷ୍ଠରେ ରହିଛନ୍ତି। ବିଶ୍ୱର ଏକ ନମ୍ବର ତଥା ୭ ଥର ବିଜେତା ମାଗ୍ନସ କାର୍ଲସେନ ଏବଂ ଜର୍ମାନିର ଭିନସେଣ୍ଟ କିମେର ସମାନ ୯ ପଏଣ୍ଟ ପାଇ ମିଳିତ ଭାବେ ତୃତୀୟରେ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ବର୍ଗରେ

## ହମ୍ପିଙ୍କୁ ହରାଇଲେ ଦିବ୍ୟା

ମଧ୍ୟ ଭାରତର ଟାଇଟଲ୍ ଆଶାକୁ କାଏମ ରଖିଛନ୍ତି ଦିବ୍ୟା ଦେଶମୁଖ। ଅନ୍ୟତମ ଭାରତୀୟା କୋନେରୁ ହମ୍ପିଙ୍କୁ ବିଶ୍ୱକପ୍ ବିଜୟିନୀ ଦିବ୍ୟା ହରାଇଛନ୍ତି। ଏବେ କାଜାକସ୍ତାନର ବିବିସାରା ଆସାଉବାୟେଭା (୧୨) ଟାଇଟଲ୍ ଦୌଡରେ ରହିଛନ୍ତି। ଦିବ୍ୟା ୧୦ ପଏଣ୍ଟ ସହ ଦ୍ୱିତୀୟରେ ଏବଂ ୟୁକ୍ରେନ୍‌ର ଆନ୍ନା ମୁଜିଚୁକ୍ ୯.୫ ପଏଣ୍ଟ୍ ସହ ତୃତୀୟରେ ରହିଛନ୍ତି। ଭେଟେରାନ୍ କୋନେରୁ ହମ୍ପି ୬.୫ ପଏଣ୍ଟ୍ ସହ ସଂଘର୍ଷ କରୁଛନ୍ତି।

# ଖୋ -ଖୋ ଓ ଆର୍ଚ୍ଚେରୀ ସମର କ୍ୟାମ୍ପ

ବାରିପଦା,୩।୬: ମୟୂରଭଞ୍ଜର ପ୍ରସିଦ୍ଧ ବେଲଗଡ଼ିଆ ପ୍ୟାଲେସ୍ ପରିସରରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୦ ଦିନିଆ 'ସମର କ୍ୟାମ୍ପ-୨୦୨୬' ଉଦ୍‌ଯାପିତ ହୋଇଯାଇଛି । ଗତ ମେ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଆର୍‌ଚେରୀ ଏବଂ ଖୋ-ଖୋ ଖେଳର ତାଲିମ ପ୍ରଦାନ କରାଯାଉଥିଲା । ଏହି ସମାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜ ଦେଓ ଏବଂ ସମ୍ମାନିତ ଅତିଥି ଭାବେ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜ ଦେଓ ଯୋଗଦେଇ ସଫଳ ଶିବିରାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହିତ ଟାଟା ଆର୍‌ଚେରୀ ଏକାଡେମୀର ବିଶିଷ୍ଟ କୋଚ୍ ପ୍ରେମ ପୂର୍ତ୍ତି ଏବଂ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉଭୟ ଶିବିର ସହ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ସଫଳତାର ସହ ପରିଚାଳନା କରିଥିଲେ ଓ ଏହି ଗ୍ରୀଷ୍ମକାଳୀନ ଶିବିରରେ ସ୍ଥାନୀୟ ଅଞ୍ଚଳର ୩୫ ଜଣ ଆର୍‌ଚେରୀରେ ଓ ୪୦ ଜଣ ଖୋ - ଖୋ ଖେଳର ପ୍ରଶିକ୍ଷଣ ଗ୍ରହଣ କରିଥିଲେ ଓ ଆର୍‌ଚେରୀ କୋଚ୍ ତରଣୀସେନ ନାୟକ ଓ ଫୁଲମଣି ପାଲେୟା ଏବଂ ଖୋ-ଖୋ କୋଚ୍ ଅର୍ଜୁନ ସିଂ, ଘାସିରାମ ମାଝୀ ଓ କ୍ଷୀରୋଦ ହେମ୍ବ୍ରମ ପ୍ରମୁଖ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ



ପରିଚାଳନା କରିବାରେ ଏକାଡେମୀର କର୍ମଚାରୀ ଚନ୍ଦନ ସିଂ, ରୋହିତ କୁମାର ନାୟକ, ରଞ୍ଜିତ ରାଉତଙ୍କ ସମେତ ସମସ୍ତ ସପୋର୍ଟିଂ ଷ୍ଟାଫ୍ ସହଯୋଗ କରିଥିଲେ । ଏହି ଅବସରରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଜାତୀୟ ରଗବୀ ପ୍ରିମିୟାର ଲିଗରେ ସ୍ଥାନ ପାଇଥିବା ପାର୍ବତୀ ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ସୁନିତା ହାଁସଦାଙ୍କୁ ରାଜ ପରିବାର ତରଫରୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ମାଟିରୁ ଆଗାମୀ ଦିନରେ କିଭଳି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସଫଳ ଖେଳାଳି ସୃଷ୍ଟି ହୋଇପାରିବେ, ସେଥିପାଇଁ ଏହିଭଳି ପ୍ରୟାସ ନିରନ୍ତର ଜାରି ରହିବ ବୋଲି

# ଇଂଲଣ୍ଡଠୁ ୧-୨ରେ ଶୃଙ୍ଖଳା ହାରିଲା ଭାରତ

ଟନ୍‌ଟନ୍: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା ଦଳ ୧-୨ରେ ଶୃଙ୍ଖଳା ହାରିଯାଇଛି। ପ୍ରଥମ ଟ୍ୱେଣ୍ଟି-୨୦କୁ ଜିତିଥିବା ଭାରତ ଶେଷ ଦୁଇ ଟ୍ୱେଣ୍ଟି-୨୦ ହାରି ଶୃଙ୍ଖଳା ହାତଛଡା କରିଛି। ବୁଧବାର ଖେଳାଯାଇଥିବା ଶେଷ ମ୍ୟାଚ୍‌କୁ ଇଂଲଣ୍ଡ ୬ ୱିକେଟ୍‌ରେ ଜିତି ଶୃଙ୍ଖଳା କବ୍‌ଜା କରିବା ସହ ବିଶ୍ୱକପ୍ ପୂର୍ବରୁ ନିଜ ମନୋବଳ ଦୃ କରି ନେଇଛି। ଭାରତ ୧୪ ତାରିଖରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦୁଇଟି ୱାର୍ମଅପ୍ ମ୍ୟାଚ୍ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଖେଳିବ।ବୁଧବାର ଟସ୍ ହାରି ପ୍ରଥମେ



ବ୍ୟାଟିଂ କରିଥିବା ଭାରତ ୬୦ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା। ଭାରତ ୧୮୦/୫ ସମ୍ମାନଜନକ ସ୍କୋର୍ କରିବାକୁ ସକ୍ଷମ ହୋଇଥିଲା

ଅଧିନାୟିକା ହର୍‌ମନ୍‌ପ୍ରୀତ କୌର (୫୬, ୪୦ ବଲ୍, ୭ ଚୌକା)ଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ୟାସ୍ତିକ ଭାଟିଆ ୩୨, ଦୀପ୍ତି ଶର୍ମା ୩୨ ଓ ଜେମିମା ରଡ୍ରିଗ୍ସ ୨୯ ରନ୍‌ଙ୍କ ଉପଯୋଗୀ ପାଳି ବଳରେ ଭାରତ ୧୮୦/୫ ସମ୍ମାନଜନକ ସ୍କୋର୍ କରିବାକୁ ସକ୍ଷମ ହୋଇଥିଲା।ଜବାବରେ ଘରୋଇ ଦଳ (୫.୧ ଓଭରରେ ୩୮/୩)ର ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ୯ ବଲ୍ ପୂର୍ବରୁ ୪ ୱିକେଟ୍ ହରାଇ ବିଜୟ ହାସଲ କରି ନେଇଥିଲା। ଆଲିସେ କ୍ୟାପ୍‌ସି (୪୩ ବଲ୍‌ରୁ ୮୨) ଓ ହିଦର ନାଇଟ୍ (୪୨ ବଲ୍‌ରୁ ୭୦*) ଚତୁର୍ଥ ୱିକେଟ୍‌ରେ ୧୩୭ ରନ୍ ଯୋଡି ବିଜୟ ନିଶ୍ଚିତ କରିଥିଲେ। କ୍ୟାପ୍‌ସି ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ


ଭୁବନେଶ୍ୱର,୩।୬: ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି । କ୍ରୀଡା ଓ ଯୁବସେବା ବିଭାଗ ଓ ଓଡିଶା ଫୁଟବଲ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଫୁଟବଲ ଓ



ଭଲିବଲ ପ୍ରତିଯୋଗିତା ହେବ । ଭୁବନେଶ୍ୱର ଜୋନ ଅଧୀନରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର,କଟକ, ଭୁବନେଶ୍ୱରକୁ ନେଇ ଏହି ଜୋନ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ସେହିଭଳି ଆସନ୍ତା ୫ ତାରିଖରୁ କିଟ ପରିସରରେ ଭଲିବଲ ମ୍ୟାଚ ଆୟୋଜନ କରାଯିବ । ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି ।

# ସେପ୍ଟେମ୍ବରରେ ଭାରତ-ଆଫଗାନିସ୍ତାନ ଟ୍ୱେଣ୍ଟି-୨୦: ଏକମାତ୍ର ଟେଷ୍ଟ ୬ରୁ

ନୂଆଦିଲ୍ଲୀ,୩।୬ ଆସନ୍ତା ସେପ୍‌ଟେମ୍ବର ମାସରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦିଲ୍ଲୀରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଅନୁଷ୍ଠିତ ହେବ। ଏହି ଶୃଙ୍ଖଳାର ଆୟୋଜକ ହେଉଛି ଆଫଗାନିସ୍ତାନ। ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌କୁ ଆଫଗାନିସ୍ତାନ ନିଜର ଘରୋଇ ଭେନ୍ୟୁ କରିଥିବାରୁ ଦିଲ୍ଲୀରେ ଭାରତକୁ 'ଭ୍ରମଣକାରୀ' ଦଳର ମାନ୍ୟତା ମିଳିବ। ଏହି ତିନି ମ୍ୟାଚ୍ ସେପ୍‌ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ ବୋଲି ଦିଲ୍ଲୀ କ୍ରିକେଟ୍ ସଂଘର ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ଶର୍ମା କହିଛନ୍ତି। ସେପ୍‌ଟେମ୍ବରରେ ଭାରତର ଗୋଟିଏ ଦଳ ଏସୀୟ କ୍ରୀଡ଼ା ଖେଳିବାକୁ ଜାପାନ ଗସ୍ତ କରିବାକୁ ଥିବାରୁ ଆଫଗାନିସ୍ତାନ ସହ ଆଉ ଏକ ଦଳ ଖେଳିବ। ବିସିସିଆଇ ଓ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ମଧ୍ୟରେ ଥିବା ବୁଝାମଣା ଅନୁସାରେ ୨୦୧୫ରୁ ଭାରତର କେତେକ ଷ୍ଟାଡିୟମକୁ ନିଜର ଘରୋଇ ପଡ଼ିଆର ମାନ୍ୟତା ଦେଇଆସୁଛି ଆଫଗାନ୍ ଦଳ।




ପୂର୍ବତନ ଲେଗ୍ ସ୍ପିନର୍ ସାଇରାଜ ବାହୁତୁଲେ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରୁ ସେ ନିଜ କାର୍ଯ୍ୟ ଆରମ୍ଭ କରିବେ। ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀରଙ୍କ ଅଧୀନରେ କାମ କରିବେ ସେ। ୫୩ ବର୍ଷୀୟ ବାହୁତୁଲେ ସମସ୍ତ ତିନିଟି ଯାକ ଫର୍ମାଟ୍‌ରେ ଭାରତୀୟ ସ୍ପିନର୍‌ଙ୍କ ଅଗ୍ରଗତି ତଥା ଦକ୍ଷତା ବୃଦ୍ଧି ନେଇ ମାର୍ଗଦର୍ଶନ କରିବେ। ଏବର୍ଷର ଆଇପିଏଲ୍‌ରେ ସେ ପଞ୍ଜାବ କିଙ୍ଗ୍ସର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଥିଲେ। ତାଙ୍କର ମଧ୍ୟ ବେଙ୍ଗଲ ଓ କେରଳମ୍ ରଣଜୀ ଦଳ ସହ କାମ କରିବାର ଅଭିଜ୍ଞତା ରହିଛି। ଖେଳାଳିଭାବେ ବାହୁତୁଲେ ୧୯୯୭ରୁ ୨୦୦୩ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ବାହୁତୁଲେ ଆସିବା ପରେ ଗମ୍ଭୀର, ସିତାଂଶୁ କୋଟାକ (ବ୍ୟାଟିଂ ପ୍ରଶିକ୍ଷକ), ମର୍ଣ୍ଣ ମର୍କେଲ (ବୋଲିଂ ପ୍ରଶିକ୍ଷକ), ଟି ଦିଲୀପ (ଫିଲ୍ଡିଂ ପ୍ରଶିକ୍ଷକ) ଓ ରିୟାନ ଟେନ୍ ଡସେଟ୍ (ସହକାରୀ ପ୍ରଶିକ୍ଷକ)ଙ୍କୁ ନେଇ ଗଠିତ ଭାରତୀୟ ବରିଷ୍ଠ କ୍ରିକେଟ୍ ଦଳର ପ୍ରଶିକ୍ଷକ ମଣ୍ଡଳି ଆହୁରି ପରବର୍ଦ୍ଧିତ ହୋଇଛି।

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍‌ରୁ ଭାରତୀୟ କ୍ରିକେଟ୍ ଦଳ ଚଳିତବର୍ଷ ତା'ର ଲାଲ୍ ବଲ୍ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ। ଶୁବମନ ଗିଲ୍ ଉଭୟ ଫର୍ମାଟ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ। ଟେଷ୍ଟ୍‌ରେ କେଏଲ୍ ରାହୁଲ ଉପଅଧିନାୟକ ଏବଂ ଦିନିକିଆରେ ଶ୍ରେୟସ୍ ଆୟର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଭାରତ-ଆଫଗାନିସ୍ତାନ ଦିନିକିଆ ଶୃଙ୍ଖଳା ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏକମାତ୍ର ଟେଷ୍ଟ୍ ୬ ତାରିଖରୁ ଆରମ୍ଭ ହେବ। ଭାରତୀୟ ଟେଷ୍ଟ୍ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ (ଉପଅଧିନାୟକ), ଋଷଭ ପନ୍ତ, ସାଇ ସୁଦର୍ଶନ, ଦେବଦତ୍ତ ପଡିକଲ, ଧ୍ରୁବ ଜୁରେଲ, ୱାସିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ହର୍ଷ ଦୁବେ ଓ ଗୁରନୁର ବ୍ରାର୍। ଭାରତୀୟ ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ୍ ଆୟର (ଉପଅଧିନାୟକ), କେଏଲ୍ ରାହୁଲ, ଈଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାବଦ, ଗୁରନୁର୍ ବ୍ରାର୍, ହର୍ଷ ଦୁବେ।

ଆଫ୍‌ଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ୍ ଭାରତ ଚଳିତ ମାସ ୬ ତାରିଖରୁ ନ୍ୟୁ ଚଣ୍ଡିଗଡଠାରେ ଖେଳିବ। ଏହା ପୂର୍ବରୁ ଦଳକୁ ଅଭ୍ୟାସରେ ସହଯୋଗ ଲାଗି ୬ ଜଣଙ୍କୁ ନେଟ୍ ବୋଲର୍‌ଙ୍କୁ ସ୍ଥାନ ମିଳିଛି। ଏଥିରେ ଗତ ରଣଜୀ ଋତୁରେ ସର୍ବାଧିକ ୱିକେଟ୍ ନେଇଥିବା ଜମ୍ମୁ କାଶ୍ମୀର ସିମର ଆକ୍ୱିବ ନବି (୧୭ ପାଳିରୁ ୬୦ ୱିକେଟ୍) ରହିଛନ୍ତି। ତାଙ୍କ ସହ ଏହି ତାଲିକାରେ ଗୁରଜପନୀତ ସିଂହ, ପ୍ରିନ୍ସ ଯାଦବ, ସାଂଶ ଜେନ, ଜୀସାନ ଅନ୍‌ସାରୀ ଓ ଶିବାଙ୍ଗ କୁମାର ଅଛନ୍ତି। ହର୍ଷିତ ରାଣା ଓ ଆକାଶ ଦୀପ ଆହତ ହେବା ଏବଂ ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦେବା ନିଶ୍ଚିତ ଥିବାରୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ନବି ପ୍ରମୁଖ ଦାବିଦାର ଥିଲେ। କିନ୍ତୁ ଚୟନକର୍ତ୍ତା ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବ୍ୟାକ୍‌ଅପ୍ ପେସର୍ ଭାବେ ଗୁରନୁର ବ୍ରାରଙ୍କୁ ସ୍ଥାନ ଦେଲେ। ଫଳରେ ନବିଙ୍କ ଟେଷ୍ଟ୍ ପଦାର୍ପଣ ଆଶା ଘୁଞ୍ଚିଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ